## ରାଜ୍ୟର ପ୍ରଥମ ରାଢ଼ୋ କ୍ଷୁଦ୍ରଜଳ ବିଦ୍ୟୁତ୍ ପ୍ରକଳ୍ପ ଅଲୋଡ଼ା

# ୧୬ ବର୍ଷ ହେଲା ଅଚଳ; ଖତ ଖାଉଛି ଯନ୍ତ୍ରାଂଶ

ଉଦଳା, ୧।୧ (ହିମାଦ୍ରି ପାଲ)



ଜଳ ବିଦ୍ୟୁତ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ସହ କ୍ଷୁଦ୍ରଜଳ ପ୍ରକଳ୍ପ ଦ୍ୱାରା ବିଦ୍ୟୁତ ଶକ୍ତି ଉତ୍ପାଦନ କରି କିପରି ଗ୍ରାମାଞ୍ଚଳରେ ବିଦ୍ୟୁତ ଆବଶ୍ୟକତା ଦୂର କରାଯାଇପାରିବ ସେ ନେଇ ଗବେଷଣା ଦ୍ୱାରା ସଫଳତା ମିଳିଥିଲା। ଏହାର ବାସ୍ତବ କାର୍ଯ୍ୟକାରିତା ନେଇ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡରେ ରାଜ୍ୟର ପ୍ରଥମ କ୍ଷୁଦ୍ରଜଳ ବିଦ୍ୟୁତ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଓରେଡା (ଓଡ଼ିଶା ରିନ୍ୟେବୁଲ୍ ଏନର୍ଜି ଡେଭଲପମେଣ୍ଟ ଏଜେନ୍ସି) ପକ୍ଷରୁ ଉଦଳା ବ୍ଲକ ରାଢୋ ନିକଟରେ ପ୍ରଥମ କରି ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା। ଲୁଇପାହୁଡି (ସିନ୍ଦୁରା ପାହାଡ) ପାଦଦେଶରେ ସୋନ ମଧ୍ୟମ ଜଳଭଣ୍ଡାର କେନାଲ ପାଣିକୁ ବନ୍ଧାଯାଇ ଏକ କ୍ଷୁଦ୍ର ଜଳଭଣ୍ଡାର ନିର୍ମାଣ ପୂର୍ବକ ବିଦ୍ୟୁତ ଉତ୍ପାଦନ ପ୍ରକ୍ରିୟା ବୈଷୟିକ ଟିମ ଦ୍ୱାରା ନିର୍ମାଣ ଆରମ୍ଭ ହୋଇଥିଲା। ଉଦ୍ଦେଶ୍ୟ ଥିଲା ୧୧୦ କିଲୋୱାଟ କ୍ଷମତା ବିଶିଷ୍ଟ ରାଜ୍ୟର ପ୍ରଥମ କ୍ଷୁଦ୍ରଜଳ ବିଦ୍ୟୁତ ପ୍ରକଳ୍ପ ନିର୍ମାଣ। ମଡେଲ ପ୍ରକଳ୍ପ ଭାବେ ରାଜ୍ୟର ଏହା ମାନ୍ୟତା ଲାଭ କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରକଳ୍ପ ନର୍ମାଣ ହେବା ସହ ଆବଶ୍ୟକ ଟର୍ବାଇନ ଓ ଆନୁଷଙ୍ଗିକ ଯନ୍ତ୍ରାଂଶ ସଂଯୋଜିତ ହୋଇ ସେ ସମୟରେ ୫୨ ଲକ୍ଷ ବ୍ୟୟ ଅଟକଳରେ ବିଦ୍ୟୁତ ଉତ୍ପାଦନକ୍ଷମ ହୋଇପାରଥିଲା। ୨୦୦୭ ମସିହାରେ ଉକ୍ତ ପ୍ରକଳ୍ପକୁ ତତ୍କାଳୀନ ବିଭାଗୀୟ ମନ୍ତ୍ରୀ, ସ୍ଥାନୀୟ ବିଧାୟକ, ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଲୋକାର୍ପିତ କରିଥିଲେ। ଏହାକୁ କାର୍ଯ୍ୟକ୍ଷମ କରାଯାଇ ୨୫ ହଜାର ୟୁନିଟ ବିଦ୍ୟୁତ ଦିଆଯିବାର ଘୋଷଣା କରାଯାଇଥିଲା। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ସୋନ ମୁଖ୍ୟ କେନାଲର ଜଳରୁ ଇଣ୍ଡକ୍ସନ ଜେନେରେଟର ସାହଯ୍ୟରେ ବିଦ୍ୟୁତ ଉତ୍ପାଦନ ସହ କ୍ଷମତା ୧୧୦ କିଲୋୱାଟ ରହିବ ବୋଲି ଉଦଘାଟନ ସମୟରେ ସୂଚନା ଦେଇଥିଲେ। ଏପରିକି ଜଳବିଦ୍ୟୁତ ପ୍ରକଳ୍ପରୁ ବାର୍ଷିକ ୪ ଲକ୍ଷ ୨୦ ହଜାର ୟୁନିଟ ବିଦ୍ୟୁତ ଉତ୍ପାଦନ କରାଯାଇ ସେତେବେଳେ ଥିବା ନେସ୍କୋ କମ୍ପାନୀକୁ ୧୧ ଲକ୍ଷ ଟଙ୍କାରେ ବିକ୍ରି କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏଭଳି ପ୍ରକଳ୍ପ ଓଡ଼ିଶାର ପ୍ରଥମ। ଏହି ପ୍ରକଳ୍ପକୁ ନେଇ ଲୋକେ ଉତ୍ସାହିତ ହୋଇଥିଲେ। ହେଲେ ଏହି ପ୍ରକଳ୍ପ ଏକମାସ ଚାଲୁହେବା ପରେ ବନ୍ଦ ହୋଇଗଲା। ସମୟକ୍ରମେ ଲୋକେ ପ୍ରକଳ୍ପକୁ ଭୁଲିବାକୁ ବସିଲେ। ସମ୍ପୃକ୍ତ ବିଭାଗ ମଧ୍ୟ ମୋଡେଲ ପ୍ରକଳ୍ପକୁ ଏହି ଅବସ୍ଥାରେ ଛାଡି ରାଜ୍ୟର ପ୍ରଥମ କ୍ଷୁଦ୍ର ଜଳପ୍ରକଳ୍ପ ସ୍ଥାଣୁ ହୋଇଗଲା। ଇତିମଧ୍ୟରେ ୧୬ ବର୍ଷ ବିତିଗଲାଣି; ହେଲେ ପ୍ରକଳ୍ପ କେବଳ ସାଇନବୋର୍ଡରେ ସୀମିତ ରହିଛି। ଉତ୍ପାଦନ କେନ୍ଦ୍ର ସମ୍ପୂର୍ଣ୍ଣ ଅପନ୍ତରା ହେବା ସହିତ ଟର୍ବାଇନଠାରୁ ସମସ୍ତ ଯନ୍ତ୍ରାଂଶ ଅଚଳ ଓ କଳଙ୍କି ଯୁକ୍ତ ହୋଇ ବ୍ୟବହାର ଅନୁପଯୋଗୀ ହୋଇଗଲାଣି। ବୈଷୟିକ ରକ୍ଷଣା ବେକ୍ଷଣ ଅଭାବ କାରଣରୁ ବହୁ ମୂଲ୍ୟବାନ ଯନ୍ତ୍ରାଂଶ ନଷ୍ଟ ହୋଇଗଲାଣି। କେବଳ ଜଣେ କର୍ମଚାରୀ ଏବେ ଜଗି ରହିଛନ୍ତି। ପ୍ରକଳ୍ପ ପରିସର ଏକପ୍ରକାରର ପରିତ୍ୟକ୍ତ ସ୍ଥାନ ହୋଇପଡ଼ିଥିବାବେଳେ ଗୃହ ଏବେ ଜୀବଜନ୍ତୁଙ୍କ ନିରାପଦ ଆଶ୍ରୟସ୍ଥଳ ପାଲଟିଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ ଏହି ଜିଲ୍ଲାରୁ ସାଂସଦ ହୋଇଥିବା ବେଳେ ଏହି ମୋଡେଲ ପ୍ରୋଜେକ୍ଟର କେବେ ପୁନରୁଦ୍ଧାର ହେବ ତାହା ଦେଖିବାକୁ ବାକି ରହିଛି।

### -ମତାମତ-

ମୋ ସମୟରେ ଏହି ପ୍ରକଳ୍ପ ଅରମ୍ଭ ହୋଇଥିଲା। ଏହାର କାର୍ଯ୍ୟକ୍ଷମ ଓ ବିଦ୍ୟୁତ ଉତ୍ପାଦନ ଦିଗରେ ବହୁ ଚେଷ୍ଟା ପରେ ଉଦଘାଟନ ହୋଇ ବିଜୁଳି ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପ ଅନ୍ଧାରକୁ ଠେଲି ହୋଇଗଲା। ଏବେ ପୁଣି ପୁନରୁଦ୍ଧାର ପାଇଁ ଚେଷ୍ଟା ଜାରି ରହିଛି। ରାଜ୍ୟ ସରକାର ଚାହିଁଲେ ପୁଣି ଏଠାରୁ ବିଦ୍ୟୁତ ଉତ୍ପାଦନ ଆରମ୍ଭ ହୋଇପାରିବ।

**-ଭାସ୍କର ମଢେଇ, ବିଧାୟକ, ଉଦଳା**

ରାଢୋ ମିନି ହାଇଡ୍ରୋ ପାୱାର ପ୍ରୋଜେକ୍ଟ ଏକ ବିଦ୍ୟୁତ ଆବଶ୍ୟକତାର ସହାୟତା ଭିତ୍ତିକ ପ୍ରକଳ୍ପ। ଏ ନେଇ ବିଧାୟକ ଥିବା ସମୟରେ ମୁଁ ଓରେଡା ସହ ସମ୍ପର୍କ କରି ଅନୁଧ୍ୟାନ କରାଇଥିଲି; ମାତ୍ର ପାଣିର ଫୋର୍ସକୁ ଅଧିକ କରିବା ପାଇଁ ଅଧିକ ଜଳପ୍ରବାହର ଅବଶ୍ୟକତା ବୋଲି ଅନୁଧ୍ୟାନ ଟିମ ମତଦେଇଥିଲେ। ତେବେ କେନ୍ଦ୍ରରେ ଜଳଶକ୍ତି ମନ୍ତ୍ରୀ ମୟୂରଭଞ୍ଜ ସାଂସଦ ଥିବାବେଳେ ଏହାର ପୁନରୁଦ୍ଧାର ବିଧାୟକ ଯତ୍ନବାନ ହୁଅନ୍ତୁ ବୋଲି ମତ ଦେଇଛନ୍ତି।

**-ଶ୍ରୀନାଥ ସୋରେନ, ପୂର୍ବତନ ବିଧାୟକ, ଉଦଳା**

ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳରେ ଏକ ନୂତନ ଆଶା ସଞ୍ଚାର କରିଥିଲା। ହେଲେ ବିଭାଗୀୟ ଅବେହେଳା ହେଉ କି ଲୋକପ୍ରତିନିଧିଙ୍କ ଆନ୍ତରିକତା ଅଭାବ ହେଉ ପୁନରୁଦ୍ଧାର କରିବା ନିତ୍ୟାନ୍ତ ଜରୁରୀ। ଇଂ. ସୁବାସ ଚନ୍ଦ୍ର ବହୁ ପଣ୍ଡା, ବରିଷ୍ଠ ଯନ୍ତ୍ରୀ ତଥା ରାଢୋ ଅଞ୍ଚଳବାସୀ

ଏହି କ୍ଷୁଦ୍ର ଜଳ ବିଦ୍ୟୁତ କେନ୍ଦ୍ର ନିର୍ମାଣରେ ଲକ୍ଷ ଲକ୍ଷ ଟଙ୍କା ବ୍ୟାୟ କରାଯାଇଥିଲେ ସୁଦ୍ଧା ଏବେ ଏହା ଅଚଳ ଅବସ୍ଥାରେ। ବିଭାଗୀୟ ଅପାରଗତା ଯୋଗୁଁ ମୋଡେଲ ପ୍ରକଳ୍ପର ଯନ୍ତ୍ରାଂଶ ଏବେ ଖତ ଖାଉଛି।

**-ମୋନାଲିକା ରାଉତ୍, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ**

## କନକ ଦୁର୍ଗା ମନ୍ଦିର କମିଟି ପକ୍ଷରୁ ୧୧ ସମ୍ବର୍ଦ୍ଧିତ



**କୁଆଁମରା ୧।୧(ସମିସ):** ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦାଠାରେ ଅଧିଷ୍ଠାତ୍ରୀ ଦେବୀ ମା' କନକ ଦୁର୍ଗା ମନ୍ଦିରରେ ସୋମବାର ନବବର୍ଷ ଅବସରରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସେବକ ହରେକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ କିଶୋର ଚନ୍ଦ୍ର ମହାପାତ୍ର ଓ ମନୋଜ କୁମାର ମିଶ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ମନ୍ଦିର କମିଟି ପକ୍ଷରୁ ୧୧ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜବରହମପୁରର ଅବସରପ୍ରାପ୍ତ ପ୍ରଫେସର ରବିନାରାୟଣ ଚୌଧୁରୀ, ନରସିଂହପୁରର ଅବସରପ୍ରାପ୍ତ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି, ସାଇଁକୁଳାର ଆଦର୍ଶ ଶିକ୍ଷୟିତ୍ରୀ ପ୍ରେମଲତା ବେହେରା, ପୁରୁଣା ବାରିପଦାର ଅବସରପ୍ରାପ୍ତ ଫାର୍ମାସିଷ୍ଟ ପ୍ରଭାସ ହୋତା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଚତୁରୀ ଗ୍ରାମର ବର୍ଷୀୟାନ ଶିକ୍ଷକ ତ୍ରିନାଥ ଦେ ଓ ପୁରୁଣା ବାରିପଦା ଗ୍ରାମର ଭବାନୀ ଶଙ୍କର ବେହେରା, ଅଙ୍କୁରପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ ହୋତା, ପାଳଶା ଗ୍ରାମର ସମାଜସେବୀ ଅନ୍ତର୍ଯ୍ୟାମୀ ବେହେରା, ଯୁବନେତା ବରଡିହି ଗ୍ରାମର ସନାତନ ନାୟକ ଓ ଜୟପୁର ଗ୍ରାମର ଜ୍ୟୋତିରଞ୍ଜନ ରାଜ ଏବଂ ନରସିଂହପୁର ଗ୍ରାମର ଅନ୍ତର୍ଯ୍ୟାମୀ ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। କମିଟିର ସଭାପତି ସଞ୍ଜୀବ କୁମାର ବେହେରା, ସମ୍ପାଦକ ସତ୍ୟରଞ୍ଜନ ବେହେରା, ସକ୍ରିୟ ସଦସ୍ୟ ଗୋପାଲ ଶର୍ମା, ମହେଶ୍ୱର ଭଞ୍ଜବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୨ତମ ବାର୍ଷିକ ଫୁଟ୍‌ବଲ୍ ପ୍ରତିଯୋଗିତା



**ଝରାଡିହି, ୧।୧(ସମିସ):** ବହଳଦା ବ୍ଲକ ଅସନା ଗ୍ରାମପଞ୍ଚାୟତ ବାଲେଡିହି ଗ୍ରାମ ଫୁଟବଲ ଖେଳ ପଡ଼ିଆରେ ମାରାଂବୁରୁ ଜାହେର ଆୟ କ୍ଲବ ଅନୁକୂଲ୍ୟରେ ୧୨ତମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଠାରେ ମୋଟ ୩୨ଟି ଫୁଟବଲ ଖେଳାଳି ଦଳ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କାକା ପୁତୁରା ବାଲିଆ ସାହି ଦଳ ପ୍ରଥମ, ଇନର ୪୦୪ ବହଳଦା ଫୁଟବଲ ଖେଳାଳି ଦଳ ଦ୍ୱିତୀୟ, କାଣ୍ଡସରେ ଫୁଟବଲ ଖେଳାଳି ଦଳ ତୃତୀୟ ଓ ନାଗ ବ୍ରାଥର ଝାରଖଣ୍ଡ ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। କମିଟି ତରଫରୁ ପ୍ରତ୍ୟେକ ଦଳକୁ ଛେଳି ଖାସି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବଣ୍ଟନ ଉତ୍ସବରେ କ୍ଲବର ପ୍ରସିଡେଣ୍ଟ ଗୋବିନ୍ଦ ନାୟେକ ସଭିପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବହଳଦା ବ୍ଲକ ବିଜେଡି ସଭାପତି ହରେକୃଷ୍ଣ ମଣ୍ଡଳ, ମୁଖ୍ୟବ୍ୟକ୍ତା ଭାବେ ଅସନା ଗ୍ରାମପଞ୍ଚାୟତ ସରପଞ୍ଚ ବାଲେଶ୍ୱର ମୁର୍ମୁ, ସମ୍ମାନିତ ଅତିଥିଭାବେ ଅସନା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ କୁମୁଦ ନାୟକ, ଜେବିଜି କ୍ଲବ ପୂର୍ବତନ ପ୍ରେସିଡେଣ୍ଟ ଫକିର ହେମ୍ବ୍ରମ, ପୂର୍ବତନ ଆରମୀ ରାଧୁଚନ୍ଦ୍ର କିସ୍କୁ, ଏତୁ ମାଝିବାବା ରାଜେନ୍ଦ୍ର କାସ୍କୁ, ଝୁରା ପୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ସେକ୍ରେଟାରୀ ଜିତ୍ରାୟ ମାର୍ଣ୍ଡି ଧନ୍ୟବାଦ ଦେଇଥିଲେ।

## ଗଛରୁ ପଡ଼ି ବାଳକ ଗୁରୁତର

**ରାଇରଙ୍ଗପୁର, ୧।୧(ସମିସ):** ବହଳଦା ବ୍ଲକ ବଡ଼ପଳସାଠାରେ ଗଛରେ ଚଢିଥିବା ଜଣେ ବାଳକ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲା। ଏହା ପରେ ପରିବାର ଲୋକମାନେ ଗୁରୁତର ବାଳକ ଗାଇଚାନ୍ଦ ସୋରେନ(୧୦)କୁ ଆମ୍ବୁଲାନ୍ସ ଯୋଗେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବାଳକର ବାମ ହାତ ଭାଙ୍ଗି ଯାଇଛି।

## ସାମାନ୍ୟ କଥାରୁ ମାର୍‌ପିଟ୍; ଜଣେ ଗୁରୁତର

**ରାଇରଙ୍ଗପୁର, ୧।୧(ସମିସ):** ହଳଦୀ ବଣି ଗାଁଠାରେ ସାମାନ୍ୟ କଥାକୁ ନେଇ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏହା ପରେ ହୋଇଥିବା ମାରପିଟ ଘଟଣାରେ ଜଣକ ଠେଙ୍ଗା ମାଡ଼ରେ ଲେମ୍ବ୍ର ସିଂ ଗୁରୁତର ହୋଇଥିଲା। ପରିବାର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ଚୋରା ଚାଲାଣ ଚାଉଳ ଗାଡ଼ି ଜବତ; ୨ ଗିରଫ

**ଶୁଳିଆପଦା, ୧।୧(ସମିସ):** ନୂଆବର୍ଷ ପାଇଁ ଡିସେମ୍ବର ୩୧ ତାରିଖରେ ସବୁଠି ଚାଲିଥିଲା ଜିରୋ ନାଇଟ୍ ସେଲିବ୍ରେସନ। ହଠାତ ପୁଲିସ ନିକଟରେ ପହଞ୍ଚିଲା ପଞ୍ଚାୟତ କାର୍ଯ୍ୟାଳୟରୁ ପିଡିଏସ୍ ଚାଉଳ ଚୋରା ଚାଲାଣର ସୂଚନା। ଖବର ପାଇ ଶୁଳିଆପଦା ଆଇଆଇସି ସୁମିତ୍ କୁମାର ସୋରେନ ଘଟଣାସ୍ଥଳରେ ପହଞ୍ଚି ଚାଲାଣ ହେଉଥିବା ଏକ ପିକ୍‌ଅପ୍ ଜବତ କରିବା ସହିତ ଚାଳକ ଓ ସହଯୋଗୀକୁ ଗିରଫ କରିଥିଲେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଶୁଳିଆପଦା ବ୍ଲକ ଉଫାଲଗଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟରେ। ରବିବାର ରାତି ପ୍ରାୟ ୮ଟାରୁ ୮.୩୦ ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ପିଡିଏସ୍ ଚାଉଳକୁ ଅନ୍ୟ ବସ୍ତାକୁ ବଦଳ କରି ଏକ ପିକ୍‌ଅପ୍‌ରେ ବୋଝେଇ ହେଉଥିବା କିଛି ଯୁବକ ଜାଣିବାକୁ ପାଇଥିଲେ। ପରେ ସେମାନେ ତୁରନ୍ତ ଶୁଳିଆପଦା ପୁଲିସକୁ ଜଣାଇଥିଲେ। ପୁଲିସ ତୁରନ୍ତ ପହଞ୍ଚି ଚାଉଳ ବୋଝେଇ ପିକ୍‌ଅପ୍ ସହିତ ଗାଡି ଚାଳକ ମହାବିଲା ପଞ୍ଚାୟତ ଅଧୀନ ଜାମବାଦି ଗ୍ରାମର ନୀଳମାଧବ ଦାସ ଓ ସହଯୋଗୀ ମସିଣାକାଟି ଗ୍ରାମର ଟିକଲୁ ନାଏକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।




## ବାଣୀପୀଠ ମହୋତ୍ସବରେ ରାଜ୍ୟସ୍ତରୀୟ କବି, ଲେଖକ ସମ୍ମେଳନ



**ବଡ଼ସାହି, ୧।୧(ସମିସ):** ବାଣୀପୀଠର ୪୪ତମ ମହୋତ୍ସବ ଅବସରରେ ରାଜ୍ୟସ୍ତରୀୟ କବି, ଲେଖକ ଓ କଳାକାରଙ୍କୁ ନେଇ ଏକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କବିତାକୁ ସୁମାଞ୍ଜଳି ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ସାରସ୍ୱତ ପତାକା ଉତ୍ତୋଳନ କରିଥିଲେ। ମା' ନିଶାମଣୀ ରାଉତ ଜ୍ଞାନଜ୍ୟୋତି ପ୍ରଜ୍ୱଳନ ପୂର୍ବକ ଉତ୍ସବ ଉଦ୍‌ଘାଟନ କରିଥିଲେ। ସବିତା ମହାନ୍ତି ଓ ସୌଭାଗ୍ୟବତୀ ରାଉତଙ୍କ ଦ୍ୱାରା ପ୍ରତିଭା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପରେ କବିତା କୁସୁମାଞ୍ଜଳୀ (ରାଜ୍ୟସ୍ତରୀୟ କବିତା ପାଠୋତ୍ସବ) ଅନୁଷ୍ଠିତ ହୋଇଥିଲା। ରାଞ୍ଚିର ସଂଘମିତ୍ରା ରାଏଗୁରୁ, ବାଲେଶ୍ୱରର ମଧୁସୂଦନ ମିଶ୍ର, କନ୍ଧମାଳର ସ୍ୱାଗତିକା ସାହୁ ଓ ଚାନ୍ଦିପୁରର ସନ୍ନ୍ୟାସୀ ପାତ୍ର କବିତା ସଂଯୋଜନା କରିଥିଲେ। ଡ. ଜଗତବନ୍ଧୁ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ସାରସ୍ୱତ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଡ. ସ୍ୱାମୀ ଅଦ୍ୱୈତାନନ୍ଦ ମହାରାଜ ଓ ମୁଖ୍ୟବକ୍ତା ଭାବରେ ବ୍ୟଙ୍ଗ କବି ସମ୍ପାଦ ରଥ, ସମ୍ମାନିତ ଅତିଥି ଭାବେ ଡ. ଜ୍ଞାନରଞ୍ଜନ ଗିରି, ଡଃ ଚିତ୍ତରଞ୍ଜନ ମହାନ୍ତି, ପ୍ରଫେସର ଡଃ ଶଶଧର ଦାସ ଓ ଡଃ ଲକ୍ଷ୍ମୀଧର ଦାଶ ଯୋଗଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡକ୍ଟର ସୁକାନ୍ତ କୁମାର ଗିରି, ସର୍ବେଶ୍ୱ ଜେନା, ଇଂ ସୁଶାନ୍ତ କୁମାର ବେହେରା ଓ ନୀରଦ ସୁନ୍ଦର ଜେନା ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶାରୁ ପ୍ରତି ଜିଲ୍ଲାରୁ ୪ ଜଣ ଲେଖାଏଁ ପ୍ରତିଭାଧରଙ୍କୁ ସମ୍ମାନିତ କରାଯାଇଥିଲା। ମାସିକ ଓଡ଼ିଆ ଶିଶୁ ପତ୍ରିକା ଆମ ସୁନାଚାନ୍ଦ ଓ ମାସିକ ହିନ୍ଦୀ ଶିଶୁ ପତ୍ରିକା କାକଳୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଂଧ୍ୟାରେ ରାଉତ ସୂର୍ଯ୍ୟକାନ୍ତି ପୁହାଣ, ଶିବଶଙ୍କର ଭୂୟାଁ, ଶାନ୍ତିପ୍ରବୀର ରାଉତ ଓ ଦୀପକ କୁମାର ଦାସଙ୍କ ପରିଚାଳନାରେ କବିତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ରାତି ୯ଟାରୁ ବିଳମ୍ବିତ ରାତି ଯାଏ କବିତା ଆସର ପୁରୁଷୋତ୍ତମ କାମିଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରିର କବି ଡ. ପଦ୍ମଲୋଚନ ରାଉତ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଭୋଗରାଇର କବି ତୀର୍ଥେଶ ଚନ୍ଦ୍ର ରାୟ, ସମ୍ମାନିତ ଅତିଥିଭାବେ ନୂଆପଡ଼ାର କବି ହୃଦାନନ୍ଦ ମେହେର ଓ ଜଗତସିଂହପୁରର କବି ଶରତ କୁମାର ମହାପାତ୍ର ତଥା ସମ୍ମାନିତ ବକ୍ତା ଭାବେ କଳାହାଣ୍ଡିର କବି ଗୋକୁଳ ସାହୁ, ସୁନ୍ଦରଗଡ଼ର କବି ତ୍ରିଲୋଚନ ସାହୁ, ବୌଦ୍ଧର କବି ସଂଗ୍ରାମ କେଶରୀ ବେହେରା ଓ ଗଞ୍ଜାମର କବି ସୁବାସ ଚନ୍ଦ୍ର ସହୁ ଯୋଗଦାନ କରି ନିଜନିଜର ବ୍ୟଙ୍ଗ କବିତା ପାଠ କରିବା ସହିତ ୫୫ଜଣ କବି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ଡ. କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସହ ସମ୍ପାଦକ ସମ୍ବିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସମନ୍ୱିତ ଯୁବ ବିକାଶ ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ




**ଘାଗରବେଡା, ୧।୧(ସମିସ):** ଘାଗରବେଡା ସ୍ଥିତ ବିଜୁପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ (ନୂଆ-ଓ) କାର୍ଯ୍ୟକ୍ରମର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ସନ୍ତୋଷ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ରରୁଆଁ ବିଡ଼ିଓ ପ୍ରେମାନନ୍ଦ ବେହେରା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସରକାର ଯୁବପିଢ଼ିଙ୍କୁ ସର୍ବାଙ୍ଗୀନ ବିକାଶ ନିମନ୍ତେ ଏହି ଯୋଜନା ଆରମ୍ଭ କରିଛନ୍ତି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ରରୁଆଁ ବ୍ଲକ ଅଧ୍ୟକ୍ଷ ଅଜିତ କୁମାର ତିରିଆ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ଯଶିପୁରର ପୂର୍ବତନ ବିଧାୟକ ମଙ୍ଗଲ ସିଂ ମୁଦି, ସମାଜସେବୀ ଭବାନୀ ପ୍ରସାଦ ପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ନୋଡାଲ ଅଧିକାରୀ ପବିତ୍ର କୁମାର ଗିରି ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପିକା ପ୍ରଣତୀ ପ୍ରଧାନ, ଲିଜା ପ୍ରଧାନ ଓ କର୍ମଚାରୀ ରଘୁନାଥ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ପବିତ୍ର କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## କରଞ୍ଜିଆରେ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ




**କରଞ୍ଜିଆ, ୧।୧(ସମିସ):** ମୟୂରଭଞ୍ଜ ବଞ୍ଚାଅ ଅଭିଯାନ କରଞ୍ଜିଆ ଶାଖା ପକ୍ଷରୁ ସୋମବାର ମଧୁ-ବାରିଷ୍ଟର ମାର୍ଗଠାରେ ଇଂ. ତ୍ରିଲୋଚନ ସେଠୀଙ୍କ ସଭାପତିତ୍ୱରେ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ୧୯୪୯ ଜାନୁଆରୀ ୧ ତାରିଖ ମୟୂରଭଞ୍ଜ ଭାରତ ସହିତ ମିଶି ଏକ ଜିଲ୍ଲାର ମାନ୍ୟତା ପାଇଥିଲା; ହେଲେ ମିଶ୍ରଣବେଳେ ତତ୍କାଳୀନ ରାଜା ଏକ ଚୁକ୍ତି କରିଥିଲେ। ଏହା ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା ଅନୁଯାୟୀ ହୋଇଥିଲା। ତେବେ ଏହି ମିଶ୍ରଣ ଚୁକ୍ତିରେ ଯେଉଁସବୁ ଚୁକ୍ତି ବା ସର୍ତ୍ତ ରହିଥିଲା, ତାହା ଏ ଯାଏଁ ପୂରଣ ହୋଇନାହିଁ। ତତ୍କାଳୀନ ମୟୂରଭଞ୍ଜ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ତରଫରୁ ମୟୂରଭଞ୍ଜ ରାଜ୍ୟର ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସ୍ ଓ କେନ୍ଦ୍ର ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ତରଫରୁ ସେକ୍ରେଟାରୀ ଏମ୍.କେ ଭେଲୋଡିଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ବିଷୟରେ ଏବେ ଯାଏଁ ୯୯ ପ୍ରତିଶତ ମୟୂରଭଞ୍ଜିଆ ଜାଣି ନାହାନ୍ତି। ମୟୂରଭଞ୍ଜ ଓଡ଼ିଶାର ସର୍ବବୃହତ ଜିଲ୍ଲା ହୋଇଥିଲେ ହେଁ କ୍ରମାଗତ ଅବହେଳାର ଶିକାର ହୋଇଆସୁଛି ବୋଲି ସଭାରେ ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ଭରତ ଚନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବରେ କବି ମିତ୍ରଭାନୁ ତନ୍ତୀ, ସମ୍ମାନିତ ଅତିଥି ଭାବରେ ପ୍ରଧାପକ ଡ଼. ଭାଗବତ ଲେଙ୍କା, ସିଦ୍ଧାର୍ଥ ରାୟ, ଆଇନ୍ ଜୀବି ସଞ୍ଜୟ କୁମାର ସାହୁ, ସୁଦୀପ ବେହେରା, ସଚ୍ଚିଦାନନ୍ଦ ମାନବ, ସୁବାଷ ହେମ୍ବ୍ରମ୍, ଅଧ୍ୟାପକ ଜନ୍ମେଜୟ ଶତପଥୀ, ଜିତେନ୍ଦ୍ର ସାହୁ, ରାଧାଶ୍ୟାମ୍ ନାଏକ, ବ୍ରଜକିଶୋର ପଣ୍ଡା ଓ ଦିପ୍ତୀରଞ୍ଜନ୍ ପରିଡ଼ା ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ସଭାର ଆବାହକ ଦୁଃଶାସନ ଧନ୍ୟବାଦ ଦେଇଥିଲେ।









## ନୂଆବର୍ଷରେ ଦେବାଳୟରେ ଭିଡ଼

# ଚନ୍ଦନେଶ୍ୱରଙ୍କ ଦର୍ଶନ କରି ଶୁଭ ମନାସିଲେ ଶ୍ରଦ୍ଧାଳୁ



**ଚନ୍ଦନେଶ୍ୱର, ୧।୧(ସମିସ):** ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ବାବା ଚନ୍ଦନେଶ୍ୱରଙ୍କଠାରେ ସୋମବାର ଇଂରାଜୀ ନୂତନ ବର୍ଷ ୨୦୨୪ର ପ୍ରଥମ ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ପ୍ରବଳ ଭିଡ଼ ଯୋଗୁଁ ୫୭ ନମ୍ବର ରାଜପଥର ବାଜିତପୁର ପଞ୍ଚାୟତ ଅଫିସଠାରୁ ଜଗନ୍ନାଥ ପୁର ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଗାଡି ପାର୍କିଂ ହୋଇଥିବା ଦେଖା ଯାଇଥିଲା। ଓଡ଼ିଶା, ପଶ୍ଚିମବଙ୍ଗ ତଥା ବିଭିନ୍ନ ପ୍ରଦେଶରୁ ପର୍ଯ୍ୟଟ ବାବା ଚନ୍ଦନେଶ୍ୱରଙ୍କ ନିକଟରେ ନିଜର ଶୁଭ ମନାସି ଥିଲେ। ମନ୍ଦିର ମୈରସୀ ତପନ ପଣ୍ଡା, ସେବାୟତ ବୁଦ୍ଧଦେବ ପଣ୍ଡାଙ୍କ ସମେତ ସେବାୟତ ଓ ପୂଜକମାନେ ଶ୍ରଦ୍ଧାଳୁଙ୍କୁ ଲାଇନରେ ମନ୍ଦିରକୁ ପ୍ରବେଶ କରାଇଥିଲେ। ଏଥି ସହିତ ମନୋରମ ବେଳାଭୂମି ଉଦୟପୁର, ତାଳସାରି, ବିଚିତ୍ର ପୁର ଇକୋ ଟୁରିଜିମ, କାର୍ତ୍ତନୀୟା ସହିତ ଏସିଆ ମହାଦେଶର ବୃହତ୍ତମ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ଶୈବପୀଠରେ ମଧ୍ୟ ପ୍ରବଳ ଭିଡ ଲାଗି ରହିଥିଲା।

## ଜଗନ୍ନାଥଙ୍କ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼



**ଖଇରା, ୧(ସମିସ):** ପୁରୀ ଚାରଣ ଗୋଷ୍ଠୀର ପତିରାଜପୁର ଶାଖା ଆନୁକୂଲ୍ୟରେ ମଳିହା ଗ୍ରାମର ଶିବମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରାଙ୍କ ବିଭିନ୍ନ ବେଶ ଦେଖିବାକୁ ଭକ୍ତଙ୍କ ଗହଳି ଲାଗିଥିଲା। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଲାଗି ଜଗନ୍ନାଥଙ୍କ ରାଧା ଦାମୋଦର, ପୁଷ୍ୟା ଅଭିଷେକ, ତଡପ ଉତ୍ତରୀ, ସେନାପଟ୍ଟ, ଅବକାଶ, ଶ୍ରାଦ୍ଧ, ରାଜାରାଜେଶ୍ୱରୀ, ଘୋଡଲାଗି ବେଶକୁ ଭକ୍ତ ଦର୍ଶନ କରିଥିଲେ। କୃଷ୍ଣଚନ୍ଦ୍ର ପତ୍ରୀ, ବୁଦ୍ଧିରାମ ପାଣିଗ୍ରାହୀ, କୁପାରୀ କଲେଜ ଅଧ୍ୟାପିକା ଆଭାରାଣୀ ବଳଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରମଣି ରଞ୍ଜନ ନାୟକ, ରମାକାନ୍ତ ଶତପଥୀ, ବଳରାମ ପଣ୍ଡା, କରୁଣାକର ବେହେରା, ପ୍ରହଲ୍ଲାଦ ବେହେରା, ଗୌରହରି ପୃଷ୍ଟି, କୃପାସିନ୍ଧୁ ବେହେରା, ଜଳଧର ପଣ୍ଡା, ଦେବେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ



**ବାଲିଆପାଳ, ୧।୧(ସମିସ):** ସ୍ଥାନୀୟ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନଏସଏସର ଶୀତ କାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସୁଦୀପ୍ତା ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିଲେ। ସ୍ୱେଚ୍ଛାସେବୀମାନେ ତହସିଲ, ବ୍ଲକ, ବସଷ୍ଟାଣ୍ଡ, ଶନିମନ୍ଦିର, ଜଗନ୍ନାଥ ମନ୍ଦିର ପ୍ରଭୃତି ସ୍ଥାନରେ ସଫେଇ କାର୍ଯ୍ୟ କରିଥିଲେ। ପୋଷ୍ୟ ଗ୍ରାମ ବାଲିଆପାଳରେ ପ୍ଲାଷ୍ଟିକ ମୁକ୍ତ ସମାଜ, ବାଲ୍ୟ ବିବାହକୁ ବିରୋଧ ତଥା ନିଶାମୁକ୍ତ ଗ୍ରାମ ବାବଦରେ ଗ୍ରାମବାସୀମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସୁକାନ୍ତ ଜେନା, ସୁଶାନ୍ତ ମହାପାତ୍ର, ସନ୍ୟାସୀ ବେହେରା, ବିନୋଦ ବେହେରା, ଦିଗମ୍ବର ରଣା ପ୍ରମୁଖ ପରିଚାଳନା କରିଥିଲେ।



ଇଂରାଜୀ ନୂଆ ବର୍ଷ ଅବସରରେ ସୋମବାର ବାଲିଆପାଳ ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ସମାଗମ। (ଫଟୋ: 'ସକାଳ', ବଳରାମପୁର)

## ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ

**ଭୋଗରାଇ, ୧।୧(ସମିସ):** ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ଆଦିବାସୀ ସାହିରେ ଇଂରାଜୀ ନବବର୍ଷ ଅବସରରେ 'ଆପଣ ଏକା ନୁହଁନ୍ତି, ଆମେ ଅଛୁ ସାଥିରେ' ପରିବାର ପକ୍ଷରୁ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଂଗଠନର ସଭାପତି ରବୀନ୍ଦ୍ର ଘଡ଼ାଇ, ଉପସଭାପତି ନାରାୟଣ ଦାସ, ସମ୍ପାଦକ ଅଭିରାମ ମହାନ୍ତି, ସଂଯୋଜକ ଅମର ପଟ୍ଟନାୟକ, କୋଷାଧ୍ୟକ୍ଷ ଅଞ୍ଜନ ଦତ୍ତ, କାଳିକୁମାର ମହାନ୍ତି, ଶୁଭଦର୍ଶିନୀ ଷଡ଼ଙ୍ଗୀ, ବିଶ୍ୱଜିନୀ ମାଝୀ, ରାକେଶ ଦାସ, ନିତାଇ ଗୋପାଳ ରାଉଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ





**ଜଳେଶ୍ୱର ବ୍ଲକ, ୧।୧(ସମିସ):** ଗୋପୀ ମୋହନପୁର ପଞ୍ଚାୟତର ଛମୌଜ ଗ୍ରାମ ସ୍ଥିତ ମାଧବ ଚନ୍ଦ୍ର ଶିବ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମୁଖ୍ୟ ବକ୍ତା ଭାବେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଜେନା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ପ୍ରଫେସର ତ୍ରିଲୋଚନ ମିଶ୍ର, ଆଇଆଇଟି ଖଡ଼ଗପୁରର ପ୍ରଫେସର ପ୍ରସନ୍ନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନର ଆବଶ୍ୟକତା ଓ ପ୍ରଯୁକ୍ତି ବିଜ୍ଞାନ ଉପରେ ଛାତ୍ରଛାତ୍ରୀ ଅଧିକ ଅଗ୍ରସର ହେବାକୁ ଶ୍ରୀ ମିଶ୍ର ଓ ଶ୍ରୀ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାସ ସଭାପତିତ୍ୱ କରିଥିବାବେଳେ ଡକ୍ଟର ଅଜିତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ତଥା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ ଶାଖା ପରିଚାଳକ ଏବଂ ସଂସଦର ସଭାପତି ଗୌରହରି ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜ୍ୟୋତି ବିକାଶ ମହାପାତ୍ର, ପବିତ୍ର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରିଟେଲର ସଂଘର କାର୍ଯ୍ୟବନ୍ଦ ଚେତାବନୀ



**ଚୌକି, ୧।୧(ସମିସ):** ସର୍ବ ଭାରତୀୟ ରିଟଲେର ମହାସଂଘ କଳାବ୍ୟାଜ୍ ପିନ୍ଧି ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଲାଗି ଚେତାବନୀ ଦେଇଛି। ଭୋଗରାଇ ବ୍ଲକ ବାଟଗ୍ରାମ ଡାକବଙ୍ଗଳାରେ ରିଟେଲର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ସଂଘର ସଭାପତି ଉମେଶଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ବହୁ ରିଟେଲର ଉପସ୍ଥିତ ରହି ସଙ୍ଘର ନିଷ୍ପତ୍ତିକୁ ସମର୍ଥନ କରିବା ସହ ସମ୍ପୂର୍ଣ୍ଣ ଭାବେ ଅସହଯୋଗ ଲାଗି ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ ନ ହେଲେ ତଥା ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବେ ବୋଲି ଏହି ବୈଠକରେ ଯୋଗ ଦେଇଥିବା ରାଜ୍ୟ ସଭାପତି ନଗେନ୍ଦ୍ର ନାଥ ଜେନା ଚେତାବନୀ ଦେଇଛନ୍ତି। ବୈଠକରେ ଜଳେଶ୍ୱର ରିଟଲାର ସଂଘ ସମ୍ପାଦକ ରଞ୍ଜନ ପାତ୍ର, ଭୋଗରାଇ ରିଟେଲର ସଂଘର ସମ୍ପାଦକ ତପନ ପାତ୍ର, ପ୍ରଣୟ ଜେନା, ଭକ୍ତ ଚରଣ ଜେନା, ତପନ ଦାସ, ଆଶିଷ ମହାନ୍ତି, ଉପେନ୍ଦ୍ର ବାରିକ, ବୀଣାପାଣି ଦାସ, ଭୂପତି ସୁର, ମହମ୍ମଦ ଖୁରସେଦ, ବିଜୟ ପ୍ରଧାନ, ଆରତୀ ଜେନା, ଶରତ ଘଡାଇ, ଦିଲୀପ ସାମଲ, ଅନନ୍ତ ପ୍ରଧାନ, ଭଗିରଥ ଦାସ, ବିଭୂତି ଭୂଷଣ ମହାନ୍ତି, ବିକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଇଓଙ୍କ ଦ୍ୱାରା ସାମ୍ବାଦିକ ସମ୍ବର୍ଦ୍ଧିତ

**ଭୋଗରାଇ, ୧।୧(ସମିସ):** ଭୋଗରାଇ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ତାଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ୨୫ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି) ଓ ଭୋଗରାଇ ବ୍ଲକର ୩୦ରୁ ଅଧିକ କାର୍ଯ୍ୟରତ ସାମ୍ବାଦିକଙ୍କୁ ନେଇ ବନ୍ଧୁମିଳନ ଉତ୍ସବ କରିବା ସହ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଡାଏରୀ, କଲମ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଏଥିରେ ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା, ବିଆରସିସି ଋଷଭ ମହାପାତ୍ର ଓ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ସମେତ ଭୋଗରାଇ ପ୍ରେସ୍ କ୍ଲବ ସଭାପତି ଅମର ମହାନ୍ତି, ଉପ ସଭାପତି ବିକାଶ ପାଣିଗ୍ରାହୀ, ଉପଦେଷ୍ଟା ପ୍ରଦୀପ ଦାସ, ସୁବାସ ଦାସ ଓ ଦିଲ୍ଲୀପ ପଣ୍ଡା, ଭଗବାନ ବେହେରା, ପ୍ରଦୀପ ମହାନ୍ତି, ଶମ୍ଭୁନାଥ ଦାସ, ଜଗନ୍ନାଥ ଗିରି, ଶ୍ରୀକୁମାର ଘୋଷ, ଅନନ୍ତ ପ୍ରଧାନ, ଦିଲ୍ଲୀପ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ଅଂଶୁମାନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଗଣେଶଚନ୍ଦ୍ର ବେହେରା, ଶିଶିର ପ୍ରଧାନ, ସୁରେଶ ମହାନ୍ତି, ବିଶ୍ୱଜିତ ମହାନ୍ତି, ସୌରଭ ରାଉଳ, ପ୍ରିୟବ୍ରତ ମହାପାତ୍ର, ଦିଲ୍ଲୀପ ଦାସ, ଚିନ୍ମୟ ଦାସ, ରାଧାକାନ୍ତ ପ୍ରଧାନ, ଅଜିତ ଦାସ, ସୁଶାନ୍ତ ମଣ୍ଡଳ, ରାଜକୁମାର ଜେନା ପ୍ରମୁଖଙ୍କ ସମେତ ସମସ୍ତ ୨୫ ଜଣ ସିଆରସିସି ଓ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।



## କ୍ରିକେଟ ଉଦ୍‌ଯାପିତ \ ଡିଙ୍ଗାଶୋଳକୁ ହରାଇ ଜମ୍ବିରାଇ ଚାମ୍ପିଅନ





**ଜଳେଶ୍ୱର ବ୍ଲକ, ୧।୧(ସମିସ):** କୋଟସାହି ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ବାବା ଅଖିଳେଶ୍ୱର ଖେଳ ପଡ଼ିଆରେ ଅଖିଳେଶ୍ୱର ଯୁବକ ସଙ୍ଘ ଦ୍ୱାରା ଆୟୋଜିତ କ୍ରିକେଟ ଖେଳ ଉଦ୍‌ଯାପିତ ହୋଇ ଯାଇଛି। ୮ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଡିଙ୍ଗାଶୋଳ ଟାଇଗର ଇଲେଭେନ ଷ୍ଟାର ଏବଂ ଜମ୍ବିରାଇ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଜମ୍ବିରାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ଖେଳରେ ୨୨୯ ରନ୍ ସଂଗ୍ରହ କରି ଥିଲା। ଡିଙ୍ଗାଶୋଳ ଜବାବରେ ମାତ୍ର ୧୦୦ ରନ୍‌ରେ ପରାସ୍ତ ହୋଇଥିଲା। ଚାମ୍ପିଅନ ଜମ୍ବିରାଇ ଟିମ୍‌କୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବା ସହିତ ରନର୍ସ ଅପ୍ ଟିମ୍‌କୁ ୧୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସାଗର ନାଥ ଓ ଶ୍ରୀକାନ୍ତ ନାଥ ଅମ୍ପାୟାର ଥିଲେ। ଜଳେଶ୍ୱର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବ୍ରଜ ମୋହନ ପ୍ରଧାନ, କାଳିଚରଣ ଦାସ, ରାଧାଶ୍ୟାମ ନାଥ, ପ୍ରଦୀପ ନାଥ, ବଂଶୀଧର ବେହେରା, ଅବନୀ ନାଥ, ରଞ୍ଜନ ଦଳାଇ, ବିଶ୍ୱମ୍ବର ନାଥ, ଗଗନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାର ଶୁଭାରମ୍ଭ




**ବାଲେଶ୍ୱର, ୧।୧(ସମିସ):** ବାଲେଶ୍ୱର ମୁନିସିପାଲିଟିର ପଟ୍ଟାପୋଲ ଅଙ୍ଗନବାଡି କେନ୍ଦ୍ରରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ୍ଧ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ଜିଲ୍ଲାର ସମସ୍ତ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ କିଶୋରୀଙ୍କୁ ମାସିକ ୧୬ଟି ଅଣ୍ଡା, ଦେଢ଼ କେଜି ଚଣା, ଏକ କେଜି ପୁଷ୍ଟିକର ମୁଢି ଓ ଗର୍ବବତୀଙ୍କୁ ୨୫ଟି ରାଶି ଲଡ୍ଡୁ, ୫୦୦ ଗ୍ରାମ ଖଜୁରୀ, ଦେଢ଼ କେଜି ଚଣା ଓ ୭୫୦ଗ୍ରାମ ମସଲା ମୁଢି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ଉପସ୍ଥିତ କିଶୋରୀମାନଙ୍କୁ ପାଠ ପଢ଼ିବା ସହ ଅଳ୍ପ ବୟସରେ ବିବାହ ନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମାଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶିଖା ପୋଦ୍ଦାର, ସିଡିପିଓ ସାଗରିକା ଦତ୍ତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କ୍ଷୀରଚୋରା ଗୋପୀନାଥ, ଇମାମି ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ଗହଳି





**ବାଲେଶ୍ୱର, ୧।୧(ସମିସ):** କୁହାଯାଏ ବର୍ଷର ପ୍ରଥମ ଦିନ ଯେମିତି ଆରମ୍ଭ କରିବ ବର୍ଷଯାକ ସେମିତି ହିଁ କଟିବ ଦିନ। ଅନେକେ ଏହାକୁ ବିଶ୍ୱାସ ମଧ୍ୟ କରନ୍ତି। ସେଥିପାଇଁ ନୂଆବର୍ଷର ପ୍ରଥମ ଦିନକୁ ଭଲ କାମରୁ ହିଁ ଆରମ୍ଭ କରନ୍ତି। ଏହି ଦିନରେ ମନ୍ଦିରକୁ ଯାଇ କେହି ଠାକୁରଙ୍କ ଦର୍ଶନ କରି ଏହି ଦିନ ଆରମ୍ଭ କରିଛନ୍ତି ତ ଆଉ କିଏ ଗରିବ, ଅସହାୟଲୋକଙ୍କୁ ସହଯୋଗର ହାତ ବଢ଼ାଇ ଦିନଟିକୁ ବିତାଇଛନ୍ତି। ସେହିଭଳି ଆଉ କିଛି ଲୋକ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ତଥା ବେଳାଭୂମି ଯାଇ ସମୟ ଅତିବାହିତ କରିଛନ୍ତି। ତେବେ ୨୦୨୪ ନୂଆବର୍ଷ ପାଇଁ ବାଲେଶ୍ୱର ସହର ବେଶ ଚଳଚଞ୍ଚଳ ହୋଇ ଉଠଇଥିଲା। ବିଭିନ୍ନ ମନ୍ଦିର ତଥା ଇମାମି ଓ କ୍ଷୀରଚୋରା ଗୋପୀନାଥ ମନ୍ଦିର ସମେତ ସହରର ଛୋଟବଡ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରହିଥିଲା। ସେହିଭଳି ସୋମବାର ଚାନ୍ଦିପୁର ବେଳାଭୂମିରେ ପର୍ଯ୍ୟଟକଙ୍କ ବେଶ୍ ଗହଳି ଦେଖିବାକୁ ମିଳିଥିଲା। ସହରବାସୀ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିଥିବା ବେଳେ ସମୁଦ୍ରକୂଳରେ ସମୟ ବିତାଇଲେ। ଏଣୁ ସୋମବାର ବେଳାଭୂମି ଓ ଧର୍ମପୀଠରେ ପ୍ରବଳ ଭିଡ ହୋଇଥିଲା। ନୂଆବର୍ଷର ପ୍ରଥମ ଦିନକୁ ବାଲେଶ୍ୱରବାସୀ ବେଶ୍ ଖୁସି ଓ ଉଦ୍ଦୀପନାର ସହ ଅତିବାହିତ କରିଛନ୍ତି। ଏହି ପ୍ରଥମ ଦିନକୁ ସ୍ମୃତିଫଗୁଆରେ ସାଇତିବା ପାଇଁ କିଏ ମନ୍ଦିର ଯାଇଥିଲେ ତ କିଏ ବୁଲିବାକୁ ଯାଇଥିଲେ। ସୋମବାର ବର୍ଷର ପ୍ରଥମ ଦିନ ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିରରେ ଭକ୍ତଙ୍କ ଅସମ୍ଭାଳ ଭିଡ଼ ରହିଥିଲା। ଏଥିପାଇଁ ମନ୍ଦିର ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଥିଲା। ଭକ୍ତ ମନ୍ଦିରରେ ଠାକୁରଙ୍କ ପୂଜା କରିବା ସହ କ୍ଷୀରା ଭୋଗ ଓ ପ୍ରସାଦ ଖାଇଥିଲେ। ଲକ୍ଷାଧିକ ଭକ୍ତ ରେମୁଣା ବାଲଗୋପାଳପୁରସ୍ଥିତ ଇମାମି ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସୁନା ବେଶ ଦର୍ଶନ କରିଥିଲେ। ଏଥିପାଇଁ ମନ୍ଦିର ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ମଧ୍ୟ କରାଯାଇଥିଲା। ଦିନସାରା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ରହିଥିଲା। ମନ୍ଦିରର ମୁଖ୍ୟ ପୂଜକ ପ୍ରଦୀପ୍ତ ମିଶ୍ର ରୀତିନୀତି ଅନୁସାରେ ପୂଜା କରିଥିଲେ। ତେବେ ସମସ୍ତ ସୁପରିଚାଳନା ପାଇଁ ଇମାମିର ଲୋକ ସମ୍ପର୍କ ଅଧିକାରୀ ମନୋଜ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଚାନ୍ଦିପୁର ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ବିଶେଷକରି ସନ୍ଧ୍ୟା ସମୟରେ ସୂର୍ଯ୍ୟାସ୍ତ ଦୃଶ୍ୟକୁ ଉପଭୋଗ କରିବା ପାଇଁ ବେଳାଭୂମିରେ ଭିଡ଼ ଜମିଥିଲା। ସମୁଦ୍ର କୂଳରେ ବୁଲାବୁଲି କରିବା ସହ ନୂଆବର୍ଷର ପ୍ରଥମ ଦିନକୁ ଲୋକେ ବେଶ୍ ଉତ୍ସାହର ସହ କଟାଇଥିଲେ।

# ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ



**ବାଲେଶ୍ୱର, ୧।୧(ସମିସ):** ବାଲେଶ୍ୱର ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସୋମବାର ପୂର୍ବାହ୍ନରେ ସଦର ବ୍ଲକ କାର୍ଯ୍ୟାଳୟଠାରେ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଛି।ଏହି ରଥକୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ୍ଧ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ବୁଲି ସଡ଼କ ସୁରକ୍ଷା ସମ୍ପର୍କରେ ଏଲଇଡି ଟିଭି ମାଧ୍ୟମରେ ଲୋକଙ୍କୁ ସଚେତନତ କରିବ ବୋଲି ଜିଲ୍ଲାପାଳ ସିନ୍ଦେ୍ଧ କହିଛନ୍ତି। ଏହି ଅବସରରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜନ ଦଳବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନବବର୍ଷ ସାରସ୍ୱତ ମିଳନ ଉତ୍ସବ

**ଜଳେଶ୍ୱର ବ୍ଲକ, ୧।୧(ସମିସ):** ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ନବବର୍ଷ ସାରସ୍ୱତ ମିଳନ ଉତ୍ସବ ଓ କବିତା ଆବୃତ୍ତି କାର୍ଯ୍ୟକ୍ରମ ବ୍ଲକ ବଜାର ସ୍ଥିତ ତାରୁଣ୍ୟ ମିଳନୀ କକ୍ଷ ପରିସରରେ ପାଳିତ ହୋଇଯାଇଛି। ବିଶିଷ୍ଟ କବି ତଥା ଦୀନକୃଷ୍ଣ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି କବି ବ୍ରଜେନ୍ଦ୍ର ଗରିଙ୍କ ପୌରୋହିତ୍ୟରେ ବିଶିଷ୍ଟ ସାହିତ୍ୱିକ, ଗବେଷକ, କବି ତଥା ଅବସରପ୍ରାପ୍ତ ଅଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ଶୀତଳା ମାତା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡକ୍ଟର ଅଜିତ ମହାନ୍ତି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ପରିଡ଼ା, ଜ୍ୟୋତିଷଚନ୍ଦ୍ର କର, ଅମରେନ୍ଦ୍ର ଦାସ, ଶାନ୍ତିଲତା ପ୍ରଧାନ, ପୁରୁଷୋତ୍ତମ କାମିଲା, ସୁଶୀଳ ମାହନା, ହେମନ୍ତ ଦାସ, ନିକୁଞ୍ଜ ବିହାରୀ ଘୋଷ, ଲିଲିମା ମହାନ୍ତି, ରଞ୍ଜନ କୁମାର ଘୋଷ, ପ୍ରଶାନ୍ତ ରାଉଳ, ବଙ୍କିମ ଚନ୍ଦ୍ର ଦେ, ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜ୍ୟୋତିଷ ଚନ୍ଦ୍ର କର ଧନ୍ୟବାଦ୍ ଦେଇଥିଲେ।




## ବିଶିଷ୍ଟ ସିତାର ବାଦକ ସତ୍ୟସାଧନ ଦାସ ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା

**ବାଲେଶ୍ୱର, ୧।୧(ସମିସ):** ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବିଶିଷ୍ଟ ସୀତାର ବାଦକ ସତ୍ୟସାଧନ ଦାସ ପଟ୍ଟନାୟକଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଡା. ଜୟନ୍ତୀ ଦାସଙ୍କ ପୌରୋହିତ୍ୟରେ ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି, ଦୀପକ ବୋଷ, ସୁଧାଂଶୁ ଶେଖର ଦାସ, ନୃସିଂହ ପ୍ରସାଦ ଦାସମହାପାତ୍ର, କାହ୍ନୁଚରଣ ଲେଙ୍କା, ହରିମୋହନ ମଲ୍ଲିକ, ବଂଶୀଧର ରଣା, ସତ୍ୟନାରାୟଣ ଦାଶ, ସତ୍ୟରଞ୍ଜନ ମହାନ୍ତି, ମାଲା ନାଥ, ଅଜିତାନନ୍ଦ ଦେବଗୋସ୍ୱାମୀ, ସୁନିତା ଶତପଥୀ, ପୁରୁଷୋତ୍ତମ ବେହେରା ଓ ଅଚ୍ୟୁତାନନ୍ଦ ଗୋଚ୍ଛାୟତ ପ୍ରମୁଖ ସ୍ୱର୍ଗତ ଦାସପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସ୍ମୃତିଚାରଣ କରିଥିଲେ।



● ଶ୍ରୀଜଗନ୍ନାଥ ମନ୍ଦିର ଚାରି ଦୁଆର ଓ ରତ୍ନ ଭଣ୍ଡାର ଖୋଲିବା ପ୍ରସଙ୍ଗ

## ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଭକ୍ତ ଜାଗରଣ ଜନସମ୍ପର୍କ ଯାତ୍ରା




**ବାଲେଶ୍ୱର, ୧।୧(ସମିସ):** ଶ୍ରୀଜଗନ୍ନାଥ ମନ୍ଦିରର ଚାରି ଦୁଆର ସମସ୍ତଙ୍କ ପାଇଁ ଖୋଲିବା ଏବଂ ରତ୍ନ ଭଣ୍ଡାର ଖୋଲି ଗଣତି ମଣତି କରିବା ଦାବିରେ ଶ୍ରୀଜଗନ୍ନାଥ ସେନା ପୁରୀ କାର୍ଯ୍ୟାଳୟ ପକ୍ଷରୁ ଭକ୍ତ ଜାଗରଣ ଜନ ସମ୍ପର୍କ ଯାତ୍ରା ସୋମବାର ବାଲେଶ୍ୱରରେ ଅନୁଷ୍ଠିତ ହେଇଯାଇଛି। ଏହି ପରିପ୍ରେକ୍ଷୀରେ ସହରସ୍ଥ ବାଣ୍ଡିଆ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ନେଇ ଏହି ଯାତ୍ରାରେ ଯୋଗ ଦେବା ପାଇଁ ଜଗନ୍ନାଥ ସେନାର କେନ୍ଦ୍ରୀୟ ଆବାହକ ପ୍ରିୟ ଦର୍ଶନ ପଟ୍ଟନାୟକ ଶ୍ରଦ୍ଧାଳୁଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ମନୋଜ ମହାପାତ୍ର, ସନ୍ତୋଷ ରାଉତ, ପ୍ରଫୁଲ୍ଲ ବେହେରା ମଙ୍ଗରାଜ ସାସମଲ, ନରସିଂହ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦ୍ରଭାଗା ନାଚ୍ ସହଭାଗିତାରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ବାଲେଶ୍ୱର, ୧।୧(ସମିସ):** ୩୪ ବର୍ଷର ଚନ୍ଦ୍ରଭାଗା ଉତ୍ସବରେ ବାଲେଶ୍ୱରର ଅଗ୍ରଣୀ ନୃତ୍ୟ ଓ କଳାର ଅନୁଷ୍ଠାନ ନାଚ୍‌ର ସହଭାଗିତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ୫ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାରର ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, କୌତୁକ ପୋଷକ, ରାଇମ୍ସ, ବେବି ଶୋ, ଚନ୍ଦ୍ରଭାଗା ଆଇକନ, ମହିଳାମାନଙ୍କ ନୃତ୍ୟ, ମିସେସ ଚନ୍ଦ୍ରଭାଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୦ରୁ ଅଧିକ ପ୍ରତିଯୋଗି ନିଜର ପ୍ରତିଭା ଏବଂ ଦକ୍ଷତା ପରିବେଷଣ କରିଛନ୍ତି। ନାଚ୍‌ର ଅଧ୍ୟକ୍ଷା ରୋନାଲିସା ପଣ୍ଡା, ମୁଖ୍ୟ ଉପଦେଷ୍ଟା ଅରୁଣାଂଶୁ ପାଣିଗ୍ରାହୀ, ନୃତ୍ୟଗୁରୁ ଶେଖ ରାଜା ପ୍ରମୁଖ ପରିଚାଳନା କରିଥିଲେ।



# ବନ୍ଧୁମିଳନ, ସ୍ମରଣିକା ଉନ୍ମୋଚନ



**ବାଲେଶ୍ୱର, ୧।୧(ସମିସ):** ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ନବବର୍ଷର ବନ୍ଧୁମିଳନ ଓ କମିଟିର ପ୍ରାକ୍ତନ ସଭାପତି ସ୍ୱର୍ଗତଃ ଡାକ୍ତର ହରିଶ ଚନ୍ଦ୍ର ଜେନାଙ୍କ ୯୦ତମ ଜୟନ୍ତୀ ସ୍ୱର୍ଗତ ଜେନାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନିରଞ୍ଜନ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କ୍ରିୟାନୁଷ୍ଠାନ କମିଟିର ୨୦୨୩ ବାର୍ଷିକ ମୁଖପତ୍ରକୁ ଦୈନିକ ପ୍ରମେୟର ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ କମଳାକାନ୍ତ ପତି ଉନ୍ମୋଚିତ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ପୂର୍ବତନ ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ପ୍ରଫେସର ଅନନ୍ତ ପ୍ରଧାନ, ମମତା ମହାପାତ୍ର, ପୂର୍ବତନ କାର୍ଯ୍ୟକାରୀ ସଭାପତି ଶମ୍ଭୁନାଥ ମହାନ୍ତିଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦାମୋଦର ନାୟକ, ଫକୀରମୋହନ ସାହିତ୍ୟ ପରିଷଦର ଉପସଭାପତି ଦୀନବନ୍ଧୁ ଲେଙ୍କା, ସିଭିଲ୍ ସୋସାଇଟିର ସୀତାରାମ ପ୍ରଧାନ, ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଶଚୀନ୍ଦ୍ର ଦାସ, ଆଇନଜୀବୀ ଗୌରଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଡା. ଜେନାଙ୍କ ବହୁମୁଖୀ ପ୍ରତିଭା ଓ ଜନକଲ୍ୟାଣକାରୀ କାର୍ଯ୍ୟରେ ସ୍ମୃତିଚାରଣ କରିଥିଲେ। କମିଟିର ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ନୂଆବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଡ. କ୍ଷିତୀଶ୍ୱର ଦାସ ବେଦ ପାଠ କରିଥିଲେ। ଶଶାଙ୍କ ଶେଖର ଦତ୍ତ, ଯୋଗେଶ ଚନ୍ଦ୍ର ପ୍ରଧାନ, ସଂଯୁକ୍ତା ବେହେରା, ଯଶୋଦା ନନ୍ଦନ ଆଶ୍, ପୁରସ୍ତମ ବେହେରା, ରବୀନ୍ଦ୍ର ଭୋଳ, ଶରତ ଦଳାଇ, ଯତୀନ୍ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ କୁମୁଦ ରଞ୍ଜନ ଗିରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସରକାର-ଏ-ମିଲ୍ଲତ ଫାଉଣ୍ଡେସନ୍ ଉଦ୍‌ଘାଟିତ



**ବାଲେଶ୍ୱର, ୧।୧(ସମିସ):** ଭଦ୍ରକର ସରକାର ବାବାଙ୍କ ଜନ୍ମଦିନ ପାଳନ ଅବସରରେ ବାଲେଶ୍ୱର ସଦର ମହକୁମାରେ 'ସରକାର-ଏ-ମିଲ୍ଲତ' ଫାଉଣ୍ଡେସନ ଉଦ୍‌ଘାଟିତ ହୋଇଛି। ସରକାର ବାବାଙ୍କ ଗରିବ ଓ ଦୁଃଖୀ ଲୋକଙ୍କୁ ସହାୟତା ପ୍ରଦାନର ନିୟମ ଓ ପରାମର୍ଶ ମୁତାବକ ବାଲେଶ୍ୱରରେ ଏଭଳି ଫାଉଣ୍ଡେସନ ଗଠନ କରାଯାଇ ତାଙ୍କ ପଥ ଅନୁସରଣ କରାଯିବ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସୟଦ ଜମାଲ ଉଦ୍ଦୀନ ଆବେଦୁଲ୍ କାଦ୍ରୀ ସୂଚନା ଦେଇଛନ୍ତି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ସମ୍ମାନିତ ବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୌରାଧକ୍ଷା ସବିତା ସାହୁ, ବିକ୍ରମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୫୦୦ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ହାଜି ମୈନୁଲ ଇସଲାମ, ମନୋଜ ରାଉତ, କାଉନସିଲର୍ ରଞ୍ଜିତା ମହାପାତ୍ର ଶେଖ୍ ଆନସାର୍, କାଉନସିଲର୍ ଶେଖ୍ ଆୟୁବ୍, ସେଖ ନୌସାଦ ଅଲି ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ହାଇଦର ଖାନ୍ ମଞ୍ଚ ପରିଚାଳନା କରିଥିବା ବେଳେ ଶେଖ୍ ଦିଲଦାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଜିମ ବାଲେଶ୍ୱରୀ ଫାଉଣ୍ଡେସନର ସଦସ୍ୟ ସରିଫ୍ ମହମ୍ମଦ, ଶେଖ୍ ମହେରାଜ, ହାଜି ଅବଦୁଲ୍ ଇସଲାମ, ଶେଖ୍ ଜାହିରୁଦ୍ଦିନ, ଶେଖ୍ ଅବଦୁସ୍ ସ୍ଲାମ୍, ଶେଖ୍ କାଫ, ଫଜନୁର୍ ରେହେମାନ୍ କାଦ୍ରି, ଶେଖ୍ ଗୁଲାମ୍, ମହିଉଦ୍ଦୀନ, ଶେଖ୍ ରଫିକ୍, ଶେଖ୍ ଗୁଲାମ ମହିଉଦ୍ଦୀନ, ଶେଖ୍ ଜୈନୁଲ୍ ଆବିଦିନ୍, ମାଷ୍ଟର୍ ବୁରହାନ୍, ମାଷ୍ଟର ଇନାୟତ, ଅବଦୁଲ୍ ସକିଲ, ଶେଖ୍ ଆଜହାରୁଦ୍ଦୀନ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଫକୀରମୋହନ ସାହିତ୍ୟ ପରିଷଦର ସମ୍ମାନ ଓ ପୁରସ୍କାର ଘୋଷିତ

# ଭାଗୀରଥି ଦାସଙ୍କୁ ସାହିତ୍ୟଶ୍ରୀ, ସୁବ୍ରତ ସେନାପତିଙ୍କୁ ଉଦୟ ପ୍ରତିଭା ପୁରସ୍କାର

**ବାଲେଶ୍ୱର, ୧।୧(ସମିସ):** ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଆସନ୍ତା ୧୪ ରୁ ୧୭ ଜାନୁଆରୀ ୪ଦିନ ବ୍ୟାପୀ କଥା ସମ୍ରାଟ ଫକୀରମୋହନଙ୍କ ୧୮୨ତମ ଜୟନ୍ତୀ ଓ ପରିଷଦର ୭୭ତମ ବାର୍ଷିକ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ୨୦ ଜଣ ଲବ୍ଧପ୍ରତିଷ୍ଠ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଶିଷ୍ଟ ଔପନ୍ୟାସିକ ଭାଗୀରଥି ଦାସ ପରିଷଦର ସର୍ବୋଚ୍ଚ ପୁରସ୍କାର 'ସାହିତ୍ୟଶ୍ରୀ' ଓ ଯୁବସାହିତ୍ୟିକ ସୁବ୍ରତ ସେନାପତି ହାଜି ଅସରଫ୍ ଅଲ୍ଲୀ ଉଦୟ ପ୍ରତିଭା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏତଦ୍‌ବ୍ୟତୀତ ଡ. କୈଳାସ ଚନ୍ଦ୍ର ଦାଶ (ସମାଲୋଚନା), ଡ. ମଥୁରାନାଥ ହୋତା (ପ୍ରବନ୍ଧ), ପିନାକୀ ମିଶ୍ର (କବିତା), କାର୍ତ୍ତିକ ଚନ୍ଦ୍ର ବାରିକ (ଗଳ୍ପ), ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ (ଉପନ୍ୟାସ), ରାମଚନ୍ଦ୍ର



ମିଶ୍ର (ନାଟକ), ଚିନ୍ତାମଣି ଦାସ (ଗୀତିକବିତା), ଡ. ଭଗବାନ ବେହେରା (ଅନୁବାଦ), ଶାନ୍ତନୁ ପାଣିଗ୍ରାହୀ (ହାସ୍ୟ ଓ ବ୍ୟଙ୍ଗ), ଡ. ହେମନ୍ତ ଛୋଟରାୟ (ଶିଶୁସାହିତ୍ୟ), ଡ. ସୁବାସ ଚନ୍ଦ୍ର ପାତ୍ର, ଡ. ଅଭୟ ନାୟକ (ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର), କମଳାକାନ୍ତ ଦାଶ (ସାହିତ୍ୟ ସଂଗଠନ), କୃଷ୍ଣ ନାୟକ (ପତ୍ରିକା ସମ୍ପାଦନା), ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ (ସାହିତ୍ୟିକ), ଡ. ବିଜୟଲକ୍ଷ୍ମୀ ପଟ୍ଟନାୟକ (ଆଧ୍ୟାତ୍ମିକ ସାହିତ୍ୟ), ବିଜୟ ପଟ୍ଟନାୟକ (ଭ୍ରମଣ ସାହିତ୍ୟ)ଙ୍କୁ ସମ୍ମାନିତ କରାଯିବ। ଏ ବର୍ଷ ପାଇଁ ଫକୀରମୋହନ ସାହିତ୍ୟ ପରିଷଦର ବରିଷ୍ଠ ସଦସ୍ୟ ଡ. ଭରତଚନ୍ଦ୍ର ପାତ୍ରଙ୍କୁ 'ପରିଷଦ ଗୌରବ' ସମ୍ମାନରେ ସମ୍ମାନିତ କରାଯିବ। ୪ ଦିନ ବ୍ୟାପି ସାହିତ୍ୟ ସଭା, ବିଭିନ୍ନ ପ୍ରତିଯୋଗିତା, ସଙ୍ଗୀତ ବିଚିତ୍ରା ଓ ନାଟକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ପରିଷଦ ତରଫରୁ ପ୍ରକାଶ କରାଯାଇଛି।

## ଗୋପାଳ ଗାଁ କଲଚୁରାଲ କ୍ଲବର ବାର୍ଷିକ ଉତ୍ସବ ଉଦ୍‌ଯାପିତ



**ବାଲେଶ୍ୱର, ୧।୧(ସମିସ):** ଗୋପାଳ ଗାଁ କଲଚୁରାଲ କ୍ଲବର ୧୬ତମ ବାର୍ଷିକ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବକୁ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ, ଯୁବ ଉଦ୍ୟୋଗୀ ସଂଗ୍ରାମ ଦାସ, କାଉନସିଲର ସଞ୍ଜୀବ ଦାସ, ଶ୍ରମିକ ନେତା ଶାନ୍ତନୁ ଦାସ, ଯୁବ ସଂଗଠକ ବିଭୂପଦ ଦାସ, ସମାଜସେବୀ ଦୀପକ ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପଦେଷ୍ଟା ଯୁଗ୍ମ ସମ୍ପାଦକ ଅବିନାଶ ସ୍ୱାଇଁ ଓ ପ୍ରଭାତ ମହାନ୍ତି ମଞ୍ଚାସୀନ ଥିଲେ। କ୍ଲବର ସମ୍ପାଦକ ଅନୁପ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅଜିତ ମହାନ୍ତି ଓ ଚିତ୍ରଶିଳ୍ପୀ ଆକାଂକ୍ଷା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଶ୍ରୀକାନ୍ତ ବୁଗୁଡ଼ାଇ ଧନ୍ୟବାଦ୍ ଦେଇଥିଲେ। କଣ୍ଠଶିଳ୍ପୀ ସ୍ୱର୍ଣ୍ଣ ପାଡ଼ୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ନୀଳଗିରି ଜଗନ୍ନାଥ ମନ୍ଦିର, ପଞ୍ଚଲିଙ୍ଗେଶ୍ୱରରେ ଭିଡ

**ଔପଦା, ୧।୧(ସମିସ):** ଇଂରାଜୀ ନବବର୍ଷରେ ନୀଳଗିରି ଜଗନ୍ନାଥ ମନ୍ଦିର ଓ ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠରେ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପରିବାର ଓ ସମାଜର ମଙ୍ଗଳ କାମନା ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା। ଭୋରରୁ ଭକ୍ତଙ୍କ ଭିଡ଼ ହୋଇଥିଲା। ସେହିପରି ପଞ୍ଚଲିଙ୍ଗେଶ୍ୱର ପୀଠରେ ମଧ୍ୟ ବହୁ ପର୍ଯ୍ୟଟକ ମହାଦେବଙ୍କ ଦର୍ଶନ କରିଥିଲେ। ନୀଳଗିରି ରଘୁନାଥଜୀଉ ମନ୍ଦିର, ସଜନାଗଡ଼ ମା' ଭୂଦାରଚଣ୍ଡୀ ମନ୍ଦିର, ନୀଳଗିରିର ଅନ୍ୟାନ୍ୟ ଶୈବପୀଠରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

## କୁମ୍ଭକ୍ଷେତ୍ରରେ ପୁଣି ହାଣ୍ଡିଭେଳା ବୁଡିଲା

**ନୀଳଗିରି, ୧।୧(ସମିସ):** କୁଳଡିହା ଅଭୟାରଣ୍ୟ ପାଦଦେଶରେ ଇକୋ କ୍ୟାମ୍ପ ଓ କିଓର ନାମରେ ଗଢି ଉଠିଥିବା କୁମ୍ଭକ୍ଷେତ୍ରରେ ସୋମବାର ନୂଆବର୍ଷରେ ଅଘଟଣ ଘଟିଛି। ଶିଶୁ, ମହିଳା ସମେତ ୧୫ରୁ ଅଧିକ ପର୍ଯ୍ୟଟକ ନୌବିହାର ଉଦ୍ଦେଶ୍ୟରେ ମାଟିହାଣ୍ଡି ଭେଳାରେ ଚଢ଼ି ବୁଲୁଥିବା ବେଳେ ହଠାତ୍ ଭେଳା ଭାଙ୍ଗି ଯାଇଥିଲା। ଅଥଳ ଜଳରେ ଉବୁଟୁବୁ ହେଉଥିବା ବେଳେ ସ୍ଥାନୀୟ ଲୋକେ ବୁଡିଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ନୀଳଗିରି ତହସିଲଦାର, ସ୍ଥାନୀୟ ପୁଲିସ ଏବଂ ଦମକଳ ବାହିନୀ ପହଞ୍ଚିଥିଲେ।

## କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର



**ବାଲେଶ୍ୱର, ୧।୧(ସମିସ):** ରେମୁଣା ବ୍ଲକ ଚଷାଖଣ୍ଡ ପଞ୍ଚାୟତର ଦିଗାପଦା ଗ୍ରାମର ତ୍ରିବେଣୀ ଛକରେ ରାଜ୍ୟ ସରକାରଙ୍କ ଏସଏଫସିଯୋଜନାରେ ୨୦ଲକ୍ଷ ଏବଂ ମନରେଗା ଯୋଜନାରେ ୧୫ଲକ୍ଷ ଟଙ୍କାର ଏକ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚଷାଖଣ୍ଡ ପଞ୍ଚାୟତର ସରପଞ୍ଚ କେଦାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପୂର୍ବକ ଭୂମିପୂଜା କରିଥିଲେ। ସମିତି ସଭ୍ୟ ସେକ ଅଲ୍ଲୀ ହୁସେନ, ନାଏବ ସରପଞ୍ଚ ବିନ୍ଦୁମତୀ ଗୋଛାୟତ, ୱାର୍ଡ ସଭ୍ୟ ଶମ୍ଭୁନାଥ ସେଠୀ, ବିଜୟ ଜେନା, ୱାର୍ଡ ସଭ୍ୟା କାମାକ୍ଷୀ ବେହେରାଙ୍କ ସମେତ ୱାର୍ଡ ସଭ୍ୟ/ସଭ୍ୟା ଯୋଗ ଦେଇଥିଲେ।

## ରାଜନୈତିକ ଆକ୍ରମଣକୁ ରେମୁଣା ସ୍ୱାଭିମାନ ମଞ୍ଚ ତରଫରୁ ନିନ୍ଦା

**ବାଲେଶ୍ୱର, ୧।୧(ସମିସ):** ସହରରେ ଘଟିଥିବା ରାଜନୈତିକ ବିଦ୍ୱେଷ, ହିଂସା ଓ ମର୍ମନ୍ତୁଦ ଆକ୍ରୋଶ ମୂଳକ ଆକ୍ରମଣ ଏକ ନିନ୍ଦନୀୟ ନକରାତ୍ମକ ରାଜନୈତିକ ପରିପାଟୀର ଜ୍ୱଳନ୍ତ ଦୃଷ୍ଟାନ୍ତ। ଏପରି ଘୃଣ୍ୟ ଜଘନ୍ୟ କାଣ୍ଡକୁ ରେମୁଣା ସ୍ୱାଭିମାନ ମଞ୍ଚ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଏହି ଘଟଣାକୁ ମଞ୍ଚ ତରଫରୁ ଦୃଢ଼ ଭାବରେ ନିନ୍ଦା କରିବା ସହ ଷଡ଼ଯନ୍ତ୍ରକାରୀଙ୍କୁ ଆଇନ ଅନୁଯାୟୀ ତୁରନ୍ତ ଦଣ୍ଡ ବିଧାନ ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଏଥିସହିତ ନିର୍ବାଚନ ଋତୁରେ ଧନ ଜୀବନର ରକ୍ଷା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ, ଶୃଙ୍ଖଳିତ କରିବା ଏବଂ କୌଣସି ପରିସ୍ଥିତିରେ ମଧ୍ୟ ରାଜନୀତିରେ ହିଂସାର ପ୍ରଶୟ ହେଉ, ସକାରାତ୍ମକ ରାଜନୀତି ହେଉ ବୋଲି ରେମୁଣା ସ୍ୱାଭିମାନ ମଞ୍ଚର ସଭାପତି ଡ. ଶ୍ରୀମାଧବ ସେଠୀ ନିବେଦନ କରିଛନ୍ତି।

## ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ କଳା ଉତ୍ସବ



**ବାଲେଶ୍ୱର, ୧।୧(ସମିସ):** ଚାରୁ ଓ କାରୁକଳା ମହାବିଦ୍ୟାଳୟର ୨୯ତମ ବାର୍ଷିକ କଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସାମ୍ବାଦିକ ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କବି ପ୍ରଶାନ୍ତ ଦାସ, ମୁଖ୍ୟବକ୍ତା ଭାବେ ଦୈନିକ 'ସମାଜ' ବ୍ୟୁରୋ ମୁଖ୍ୟ ଅନୁପମ ପ୍ରହରାଜ ଯୋଗଦେଇ କଳାମେଳା ଆୟୋଜନର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ସମ୍ପାଦକ ସଂଗ୍ରାମ ଦାସ ଯୋଗଦେଇ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଳାମେଳାରେ ବିଭିନ୍ନ ଷ୍ଟଲ୍ ମାଧ୍ୟମରେ ତିନି ଦିନ ମଧ୍ୟରେ ପ୍ରାୟ ୧ ଲକ୍ଷ ୩୦ ଟଙ୍କାର କଳାକୃତି ବିକ୍ରି କରାଯାଇଛି।

## ଅରୁଣ ଦେଙ୍କ ସ୍ମୃତିଚାରଣ

**ବାଲେଶ୍ୱର, ୧।୧(ସମିସ):** ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ତାଙ୍କ ବାସଭବନରେ ନବବର୍ଷ ଉପଲକ୍ଷେ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ, ରେମୁଣା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଗୋପୀନାଥ ସେନାପତି, ବାଲେଶ୍ୱର ଉପନଗରପାଳ କୈଳାଶ ସେଠୀ, ପୂର୍ବତନ ପୌରାଧ୍ୟକ୍ଷ ମନୋଜ ରାଉତ, କାଉନସିଲର ବିଶ୍ୱଜିତ ମହାପାତ୍ର, ସନ୍ଧ୍ୟାରାଣୀ ଜେନା, ପ୍ରଫେସର ଶତ୍ରୁଘନ ମଲ୍ଲିକ, ପ୍ରାକ୍ତନ ସରପଞ୍ଚ ମଧୁସୂଦନ ମହାନ୍ତି, ବସନ୍ତ ଦାସ, ଅବସରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଅଜୟ ମହାପାତ୍ର, ଅଧ୍ୟାପକ ଦୀପକ ଦାସ, ପ୍ରାକ୍ତନ ସରପଞ୍ଚ ଶରତ ନାୟକ, ପଞ୍ଚାନନ ମାନ୍ନା, ପେଟ୍ରୋଲ ଟାଙ୍କି ମାଲିକ ସଂଘର ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଦିପୁ ଯାଦବ, ମାୟାଧର ପଣ୍ଡା, ଅନୀଲ ଶର୍ମା, ପରିଷଦର ଆଇନ ପରାମର୍ଶଦାତା ଐଶ୍ୱର୍ଯ୍ୟ ସେନାପତି, ବରିଷ୍ଠ ଆଇନଜୀବୀ ଅଶୋକ ସେନାପତି, ହିମାଂଶୁ ଶେଖର ଦାସ, ଇଂ କାର୍ତ୍ତିକ ସେଠୀ, ରବି ରାଉତ, ରଘୁନାଥ ଲେଙ୍କା, ପ୍ରାକ୍ତନ ସରପଞ୍ଚ ନରେନ୍ଦ୍ର ବିହାରି ଦାସ, ରାଜମିସ୍ତ୍ରୀ ସଂଘର ସାଧାରଣ ସମ୍ପାଦକ ଅଶୋକ ବେରା, ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି, ହାଇଦର ଖାନ୍ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱର୍ଗତଃ ଦେଙ୍କ ତୈଳଚିତ୍ର ଏବଂ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ସ୍ମରଣ କରିଥିଲେ। ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ବିଷ୍ଣୁପ୍ରସାଦ ମହାନ୍ତି, ବରିଷ୍ଠ ଉପଦେଷ୍ଟା ରଞ୍ଜନ ବାଗ୍, ବିନୋଦ ଜୀ, ଅଭିଜିତ ଦାସ, ଭୋଳାନାଥ ବେହେରା, ସନ୍ତୋଷ ମହାପାତ୍ର, ଶରତ ଦାସ, ତ୍ରିଲୋଚନ ବାରିକ, ଦେବେନ୍ଦ୍ର ଦାସ, ସେକ୍ ନିଆଜୁଦ୍ଦିନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ବସ୍ତା ବିଜେଡ଼ି ପକ୍ଷରୁ ସମ୍ବର୍ଦ୍ଧନା ସଭା



**ବାଲେଶ୍ୱର, ୧।୧(ସମିସ):** ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ନୂଆବର୍ଷ ପାଳନ କରାଯାଇଛି। ଗତ ୨୮ ତାରିଖରେ ଶଙ୍ଖ ଭବନରେ ଦଳରେ ସାମିଲ ହୋଇଥିବା ନିର୍ବାଚନ ମଣ୍ଡଳୀର ଟାଣୁଆ ନେତା ଦେବ କୁମାର ଦେଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ସମସ୍ତଙ୍କୁ ନବ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ, ଦେବ କୁମାର ଦେ'ଙ୍କ ଦଳରେ ସାମିଲ ହେବା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ସଂଗଠନକୁ ଆହୁରି ମଜଭୁତ କରିବ ବୋଲି ମତ ରଖିଥିଲେ। ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଉପସ୍ଥିତ ସମସ୍ତଙ୍କୁ ନବ ବର୍ଷର ଶୁଭେଚ୍ଛା ଜଣାଇବା ସହ ଏକାଠି ହୋଇ କାମ କରିବା ପାଇଁ ନେତୃବୃନ୍ଦ ଓ କର୍ମୀଙ୍କୁ ଆହ୍ୱାନ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ଦେ ଦଳର ନୀତି ଆଦର୍ଶ ମାନି, ଜଣେ ଶୃଙ୍ଖଳିତ କର୍ମୀ ଭାବରେ ସଂଗଠନ ପାଇଁ କାମ କରିବେ ବୋଲି ଜଣାଇଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲା ବିଜେଡ଼ି ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ସୁବ୍ରତ ପଣ୍ଡା, ଲକ୍ଷ୍ମୀଧର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଚକ୍ରଧର ଗିରି, ଭୁବନାନନ୍ଦ ଦାସ, ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନିଲ ମହାନ୍ତି, ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ଦାସ, ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଅଜୟ ସାମଲ, ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା, ନିଶାକର ସେଠୀ, ଜିଲ୍ଲା ପରିଷଦ ସଭ୍ୟା ସୁଜାତାରାଣୀ ଦଣ୍ଡପାଟଙ୍କ ସମେତ ବସ୍ତା ନିର୍ବାଚନ ମଣ୍ଡଳୀର ଉଭୟ ବ୍ଲକର ବରିଷ୍ଠ ନେତୃବୃନ୍ଦ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ସଭ୍ୟା, ମହିଳା, ଯୁବ ଓ ଛାତ୍ର ବିଜେଡ଼ିର ସଭାପତି, କାର୍ଯ୍ୟକର୍ତ୍ତା ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

## ଡ୍ରେନ୍ ଉଛୁଳି ରାସ୍ତାରେ ଆଣ୍ଠୁଏ ପାଣି

**ସୋର, ୧।୧(ସମିସ):** ସୋର ପୌର ପାଳିକା ୬ ନମ୍ବର ୱାର୍ଡ ପାରମହଲାର ମୁଖ୍ୟ ରାସ୍ତାରେ ଡ୍ରେନ ପାଣି ଜମିରହିବା ଫଳରେ ଆଣ୍ଠୁଏ ପାଣିରେ ଲୋକ ଯିବା ଆସିବା କରିବା ସହିତ ଅନେକ ଅସୁବିଧାକୁ ସମ୍ମୁଖୀନ କରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ପୌରପାଳିକାର ୫, ୬ ଓ ୭ ନମ୍ବର ୱାର୍ଡକୁ ଏହା ହେଉଛି ମୁଖ୍ୟ ରାସ୍ତା। ରାସ୍ତା କଡରେ ଯାଇଥିବା ଡ୍ରେନର ପାଣି ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜାଗାରେ ଯାଉଥିବାରୁ ବ୍ୟକ୍ତି ଜଣଙ୍କ ତାହା ବନ୍ଦ କରିଦେଇଛନ୍ତି। ଏହା ଫଳରେ ଏବେ ରାସ୍ତାରେ ଆଣ୍ଠୁଏ ଉଚ୍ଚର ଡ୍ରେନ୍ ପାଣି ଜମି ରହୁଛି। ନିକଟରେ ନୂତନ ଭାବେ ନିର୍ମିତ ହୋଇଥିବା ମସଜିଦକୁ ଛୋଟ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକ ସମସ୍ତେ ଏହି ଡ୍ରେନ ପାଣିରେ ଚାଲିଚାଲି ଏହି ପବିତ୍ର ସ୍ଥାନକୁ ଯାଉଥିବା ମଧ୍ୟ ଦେଖିବାକୁ ମିଳିଛି। ତେବେ ମଙ୍ଗଳବାର ସୁଦ୍ଧା ପୌର ପାଳିକା ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତାହେଲେ ପୌର କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ବାଲେଶ୍ୱର, ୧।୧(ସମିସ):**

ପୁଲିସ ଲାଇନସ୍ଥିତ ସମ୍ବିଧାନ ପ୍ରଣେତା ଡ. ବି ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଭାରତ ମୁକ୍ତି ମୋର୍ଚ୍ଚା ଏବଂ ସହଯୋଗୀ ସଙ୍ଗଠନ ତରଫରୁ ମାଲ୍ୟାର୍ପଣ କରାଯାଇଛି। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ୧୮୧୮ରେ ମୁକ୍ତି ସଂଗ୍ରାମରେ ପ୍ରାଣବଳି ଦେଇଥିବା ମୂଳନିବାସୀମାନଙ୍କ ତ୍ୟାଗ, ସଂଗ୍ରାମ ଓ ଦେଶ ମାତୃକା ପ୍ରତି ବଳିଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସେମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ସେହିଭଳି ୨୦୧୮ ମସିହା ମହାରାଷ୍ଟ୍ରର ଭୀମାକୋରେଗାଓଁରେ ମୂଳନିବାସୀମାନଙ୍କ ଉପରେ ହୋଇଥିବା ଅମାନବୀୟ ଆକ୍ରମଣକୁ ଦୃଢ ନିନ୍ଦା କରାଯାଇଥିଲା। ଏହା ଏକ ମାନବବାଦ




ବିରୋଧୀ ଷଡ଼ଯନ୍ତ୍ର ବୋଲି ବକ୍ତାମାନେ ମତପୋଷଣ କରିଥିଲେ। ଅନୁସୂଚିତ ଜାତି ଜନଜାତି, ପଛୁଆବର୍ଗ ସଂଖ୍ୟା ଲଘୁ ସମ୍ପ୍ରଦାୟର ମଣିଷମାନେ ଆଜି ସର୍ବହରା ପାଲଟି ଯାଇଛନ୍ତି। ସେମାନଙ୍କ ଦାରିଦ୍ର୍ୟତା ପ୍ରତି କାହାରି ନିଘା ନାହିଁ। ସମାଜର ସମସ୍ତ କ୍ଷେତ୍ରରେ ଏହି ବର୍ଗର ଲୋକମାନେ ଶୋଷିତ, ନିର୍ଯାତିତ, ଲୁଣ୍ଠିତ ଓ ଲାଞ୍ଛିତା ହେଉଥିବାର ବିକଳ ଚିତ୍ର ସାମ୍ନାକୁ ଆସୁଛି। ନିକଟରେ ଜଣେ ଦଳିତ ଯୁବକ ଉପରେ ପରିସ୍ରା କରିବାର ଘଟଣା ମଣିଷ ସଭ୍ୟତାକୁ ପ୍ରଶ୍ନ ଉଠାଇଛି। ଦେଶର ବିଭିନ୍ନ ଜେଲରେ ଦଳିତ ପଛୁଆବର୍ଗର ଲୋକ ଦୀର୍ଘ ଦିନ ଧରି ସଢୁଛନ୍ତି। ନ୍ୟାୟ ତାଙ୍କ ପାଇଁ ଅପହଞ୍ଚ। ଏହିଭଳି ପରିସ୍ଥିତିରେ ବାବା ସାହେବ ଆମ୍ବେଦକର ଯେଉଁ ମାର୍ଗ ଦେଖେଇଛନ୍ତି ତାହା ମୁକ୍ତିର ରହା ଦେଖାଇବ। ରାଜଖରସୁଆଁରେ ଆଦିବାସୀମାନେ ସୀମା ନିର୍ଦ୍ଧାରଣ ପାଇଁ ଆନ୍ଦୋଳନ କରୁଥିବା ବେଳେ ତାଙ୍କର ପ୍ରତି ଅମାନବୀୟ ଆକ୍ରମଣ ଦୃଢ ନିନ୍ଦା କରାଯାଇ ତାଙ୍କ ବଳିଦାନକୁ ସ୍ମରଣ କରି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଏହି ଶ୍ରଦ୍ଧାଞ୍ଜଳି ଓ ସ୍ମରଣ ସଭାରେ ବାର ଆସୋସିଏସନର ସଭାପତି ମନୋଜ ନାୟକ ସଭାପତିତ୍ୱ କରିଥିବା ବେଳେ, ଆଲୋଚନାରେ ରାଷ୍ଟ୍ରୀୟ ମୁଖପତ୍ର ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ସୌମ୍ୟ ରଞ୍ଜନ ଆଢ୍ୟ, ଶାନ୍ତିଲତା ଚାତର, ସାଧୁ ଚରଣ ମଲ୍ଲିକ, ବାଇଧର ସିଂ, ଜୀବନ ମୁର୍ମୁ, ଗଗନ ପାତ୍ର, ରାସାନନ୍ଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



## ପଞ୍ଚଦଶ ଭୋଗରାଇ ଉତ୍ସବ ଉଦ୍‌ଘାଟିତ

# ଜଗନ୍ନାଥ ସଂସ୍କୃତିହିଁ ଭୋଗରାଇ ଐତିହ୍ୟ, ଆଧ୍ୟାତ୍ମିକ ଚେତନାର ଆଧାର

**ଭୋଗରାଇ, ୧।୧(ସମିସ):**

ଭୋଗରାଇର ଅତୀତ ଐତିହ୍ୟ ଓ ପରମ୍ପରା ସମଗ୍ର ଓଡ଼ିଶାରେ ଅନନ୍ୟ ଓ ସୁଦୃଢ଼। ସେହିପରି ବର୍ତ୍ତମାନ ସମୟର ରାଜ୍ୟର ଉପାନ୍ତ ତଥା ମନ୍ଦିର ମାଳିନୀ ଭୋଗରାଇ ଅଞ୍ଚଳର କଳା, ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ମୂଳ ଆଧାର ହେଉଛି ଜଗନ୍ନାଥ ସଂସ୍କୃତି। ସୋମବାର ପଞ୍ଚଦଶ ଭୋଗରାଇ ଉତ୍ସବ-୨୦୨୪ ଉଦ୍‌ଘାଟନୀ ସଭାରେ ଏହି ମତ ପ୍ରକାଶ ପାଇଛି।



ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ହେଲିପ୍ୟାଡ ପଡ଼ିଆରେ ଆୟୋଜିତ ଏହି ଉତ୍ସବକୁ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ମହାସଭା ସଭାପତି ପଣ୍ଡିତ ବିଶ୍ୱନାଥ ମିଶ୍ର ଉଦ୍‌ଘାଟନ କରିଥିଲେ। ଭୋଗରାଇର ସୁଦୃଢ଼ ଐତିହ୍ୟ ଓ ସାଂସ୍କୃତିକ ପରମ୍ପରା ସୁରକ୍ଷା ସହ ବଶ୍ୱରେ ଅନନ୍ୟ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସେ ଆହ୍ୱାନ ଦେଇଛନ୍ତି। ଡାକ୍ତର ଶ୍ରୀଶ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୋଗରାଇର ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ଏକ ସୁସ୍ଥ ସମାଜ ଗଠନରେ ଉଦ୍ୟମି ହେବାକୁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବ କମିଟିର ଉପସଭାପତି ତଥା ଭୋଗରାଇ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ରଘୁନାଥ ମହାନ୍ତି ପୌରୋହିତ୍ୟ କରିଥିଲେ। କବି ଶ୍ରୀକୁମାର ଘୋଷ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରାଧ୍ୟାପକ ବ୍ରଜବିହାରୀ ପତି ବେଦପାଠ କରିଥିଲେ। ଉତ୍ସବ କମିଟିର ସଭାପତି ପଙ୍କଜାକ୍ଷ ପଣ୍ଡା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲା ବେଳେ ସମ୍ପାଦକ ପ୍ରଦୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ କମିଟିର ଉପ ସଭାପତି ରମାକାନ୍ତ କରଣ, କାର୍ଯ୍ୟାଳୟ ସମ୍ପାଦକ ପରିମଳ ମହାନ୍ତି, ସମ୍ପାଦକ ସୁନୀଲ କର, କୋଷାଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ଜେନା, କାର୍ଯ୍ୟକାରୀ ସଦସ୍ୟ ଦୀପେଶ ଚନ୍ଦ୍ର ରାୟ, ଗୋପବନ୍ଧୁ ମହାପାତ୍ର, ହରେନ୍ଦ୍ର ନାଥ ଦାସ, ଯଜ୍ଞେଶ୍ୱର ପାତ୍ର, ନିଶେଷ ଦେବ, ପଣ୍ଡିତ ଭୃଗୁରାମ କରଶର୍ମା, ଶିକ୍ଷାବିତ ସୁବ୍ରତ ଘରାଇ ଓ ନଟରଞ୍ଜନ ଘରାଇ, ସରପଞ୍ଚ ସୁମନ୍ତ ବେହେରା, ବରେନ୍ଦ୍ର ପାତ୍ର ଓ ମମତା ସାହୁ, ସାମ୍ବାଦିକ ଅମର ମହାନ୍ତି, ପ୍ରଦୀପ ଦାସ, ବିକାଶ ପାଣିଗ୍ରାହୀ ଓ ଗଣେଶ ବେହେରା, ଶିକ୍ଷାବିତ ସନ୍ତୋଷ ପାତ୍ର, ସରପଞ୍ଚ ସରସ୍ୱତୀ କରଣ, ପଞ୍ଚାୟତ ସମିତି ସଦସ୍ୟା ସନ୍ଧ୍ୟାରାଣୀ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ପତିରାଜପୁର ମିଳନ କମିଟିର ବନ୍ଧୁମିଳନ



**ଖଇରା, ୧।୧(ସମିସ):** ଖଇରା ବ୍ଲକର ପ୍ରସିଦ୍ଧ ପତିରାଜପୁର ମିଳନ କମିଟିର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସୋମବାର ପତିରାଜପୁର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମେଳା କମିଟି ସଭାପତି ପିତାମ୍ବର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ପ୍ରତାପ ପଣ୍ଡା, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ସମ୍ପାଦକ ଗୌରାଙ୍ଗ ଚରଣ ପାଣି, ଗୋଳିହା ଗ୍ରାମର ପୁରୁଖା ବ୍ୟକ୍ତି ଯୋଗେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ୩ଶହ ବର୍ଷର ମେଳାର ସମୃଦ୍ଧି ପାଇଁ ସମସ୍ତେ ଏକ ମନ ଏକ ପ୍ରାଣ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ମେଳା କମିଟି ସଭ୍ୟ ଭୀଷ୍ମ ଚରଣ ନାୟକ, ଉଦୟ ଚରଣ ନାୟକ, ନିର୍ମଳ ପଣ୍ଡା, ରାମଚନ୍ଦ୍ର ପଣ୍ଡା, କ୍ଷେତ୍ର ମୋହନ ଖଟୁଆ, ଶିଶିର ସାମଲ, ବାଳକୃଷ୍ଣ ଦାଶ, ସମିତିସଭ୍ୟ ରଞ୍ଜନ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପଦ ଘଡେଇ ପ୍ରାରମ୍ଭିକ ସୂଚନା ପ୍ରଦାନ ଅବସରରେ ମେଳା ସ୍ଥାନ ଓ ଦିଘି ପୋଖରୀର ଉନ୍ନତିକରଣ କାର୍ଯ୍ୟ ପାଇଁ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମେ ମେଳା କମିଟିର ଦିବଂଗତ ସଦସ୍ୟ ସଞ୍ଜୟ ଦାସ ଓ ପଦନ ଦାସମହାପାତ୍ରଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଉଦ୍ଧବ ଘଡେଇ, ପ୍ରଦୀପ ସାମଲ, ଦୁର୍ଯ୍ୟୋଧନ ନାୟକଙ୍କ ମେଳା କମିଟିର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୂଆବର୍ଷ ଉପଲକ୍ଷେ ବିଶ୍ୱ କଲ୍ୟାଣ ମହାଯଜ୍ଞ

**ରୂପସା, ୧।୧(ସମିସ):** ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତ ମେଳକ ଓ ତଳତାପଣ୍ଡା ଗ୍ରାମବାସୀଙ୍କ ଆନୁକୂଲ୍ୟରେ ନୂଆବର୍ଷ ଅବସରରେ ବିଶ୍ୱକଲ୍ୟାଣ ମହାଯଜ୍ଞ, ଭଜନ ଓ ପ୍ରବଚନ ସଭା ଅନୁଷ୍ଠିତ ହୋଇଯାଇଛି। ରୂପସା ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମ ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ପାଣିଙ୍କ ପୌରୋହିତ୍ୟରେ ୩୧କୁଣ୍ଡୀୟ ଯଜ୍ଞ ସମାପନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରବଚକ ତଥା ବେଦ ପିୟୁଷ ପତ୍ରିକାର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗ ଦେଇ ଜୀବନଚର୍ଯ୍ୟା ଓ ବାୟୁମଣ୍ଡଳ ବିଶୋଧନ ପାଇଁ ଯଜ୍ଞ ଓ ଚାରାରୋପଣ ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ। ସଙ୍ଗୀତ ଅଧ୍ୟାପକ ଅର୍ଜୁନ ଦଳାଇଙ୍କ ତତ୍ତ୍ୱାବଧାନରେ କଣ୍ଠଶିଳ୍ପୀ ଦୀପ୍ତରାଗ ଦେ, ଅର୍ଚିସ୍ମିତା ଦଳାଇ ଓ ରୁଚିସ୍ମିତା ନାୟକ ଭଜନ ପରିବେଷଣ କରିଥିଲେ। ପରିଚାଳନା କମିଟି ସଭାପତି ତ୍ରିଲୋଚନ ନାୟକ ପ୍ରବଚନ ସଭାରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ହିରଣ୍ୟ ବିଶ୍ୱାଳ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଚୌପ୍ରହର ନାମଯଜ୍ଞ, ପ୍ରଭାତଫେରି, କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟ ରମେଶ ରାଉଳ, ଉତ୍ତମ ପ୍ରଧାନ, କମଳାକାନ୍ତ ରାଉତ, ସୁଶାନ୍ତ ରାଉତ, ସୁଧାକର ସାହୁ, ଅକ୍ଷୟ ବାଗ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଶତାୟୁଙ୍କ ଜନ୍ମଦିବସ ପାଳିତ



**ଚୌକି/କମର୍ଦ୍ଦା, ୧।୧(ସମିସ):** ଭୋଗରାଇ ବ୍ଲକ ସିଆରୋଇର ଶତାୟୁ ମଧୁସୂଦନ ଦାସଙ୍କ ଜନ୍ମଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ଭୃଗୁରାମ କରଶର୍ମା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶକ୍ତିଧର ପତି, ନରେଶ ଚନ୍ଦ୍ର ପତି, ବିଷ୍ଣୁ ପଦ ଆଚାର୍ଯ୍ୟ, ଗ୍ରାମର ମୁଖ୍ୟ ଅଶ୍ୱିନୀ ଜେନା, ଅମୂଲ୍ୟ ଦାସ, ଶ୍ୟାମସୁନ୍ଦର ଦାସ, ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳେଶ୍ୱର ମହୋତ୍ସବ ପାଇଁ ଭୂମିପୂଜା



**ଜଳେଶ୍ୱର ବ୍ଲକ, ୧୧(ସମିସ):** ଜଳେଶ୍ୱର ମହୋତ୍ସବ ପାଇଁ ଭୂମିପୂଜା କରାଯାଇଛି। ଡକ୍ଟର ଅଜିତ ମହାନ୍ତି ସଂକଳ୍ପ କରିଥିଲେ। ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ, ଦିଲ୍ଲୀପ ଗିରି, ସମୀର ପାତ୍ର, ଗୋବିନ୍ଦ ଚନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ସାହୁ, ସୁବ୍ରତ ରଣା, ଇଞ୍ଜିନିୟର ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ମିଶ୍ରଣ ପର୍ବ



**ନୀଳଗିରି, ୧।୧(ସମିସ):** ନୀଳଗିରି ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ସନ୍ତୋଷ ଖଟୁଆଙ୍କ ଫାର୍ମ ହାଉସ୍‌ରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ପ୍ରତି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୟପୁର ପଞ୍ଚାୟତ ଜିରତାଳ ଗ୍ରାମର ରମାକାନ୍ତ ନାୟକ, ଲମ୍ବୋଦର ସାହୁ, ଭଉଁରିଆବାଡ ପଞ୍ଚାୟତର ପୂର୍ବତନ ୱାର୍ଡସଭ୍ୟ ଶୁକୁରା ସିଂ ଓ ବାଇଧର ସିଂ ବିଜେପି ଛାଡି ବିଜେଡିରେ ମିଶିଛନ୍ତି। ଶ୍ରୀ ଖଟୁଆ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

## ଶ୍ରୀ ଶିରିଡ଼ି ସାଇ ପରିବାରର ବୈଠକ



**ସୋର, ୧।୧(ସମିସ):** ସୋରର ଶ୍ରୀ ଶିରିଡି ସାଇବାବା ସେବା ସମିତି ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଚିତ୍ରକୁଟ ଷ୍ଟୁଡିଓରେ ଶିରିଡ଼ି ସାଇବାବାଙ୍କ ଶ୍ରଦ୍ଧାଳୁମାନେ ଏକାଠି ହୋଇ ଶ୍ରୀ ସାଇନାଥଙ୍କୁ ପୂଜାର୍ଚ୍ଚନା କରିଥିଲେ। ଶ୍ରୀ ଶିରିଡ଼ି ସାଇ ପରିବାର ତରଫରୁ ଶୃଙ୍ଖଳା ଓ ସଫଳତାର କାର୍ଯ୍ୟକ୍ରମ ସମାପନ ହୋଇଥିବାରୁ ସମିତିର ସଭାପତି ଓ ସମ୍ପାଦକ ସମସ୍ତ ଭକ୍ତମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଘରେ ନ ଥିବା ବେଳେ ଚୋରି ଅଭିଯୋଗ

**ଦହମୁଣ୍ଡା, ୧।୧(ସମିସ):** ଭୋଗରାଇ ବ୍ଲକ ପୁଟିଣା ଗ୍ରାମରେ ଡକାୟତି ହୋଇଛି। ଜଣେ ବ୍ୟକ୍ତିଙ୍କ ଘରେ କେହି ନ ଥିବା ବେଳେ ଏହି ଘଟଣା ଘଟିଛି। ଗାଁର ହିମାଂଶୁ ଶେଖର ମହାପାତ୍ରଙ୍କ ପରିବାର ସମ୍ପର୍କୀୟ ଘରକୁ ଯାଇଥିବା ବେଳେ ଦୁର୍ବୃତ୍ତ ଘରେ ପଶି ତାଲା ଭାଙ୍ଗି ଆଲମାରୀ, ବାକ୍ସରୁ ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଗହଣା ସହ କେତେକ ଆସବାବପତ୍ର ନେଇଯାଇଯାଇଛନ୍ତି। ହିମାଂଶୁ ଏହି ଖବର ପାଇ ଘରେ ପହଞ୍ଚିବା ପରେ କମର୍ଦ୍ଦା ଥାନାରେ ଅଭିଯୋଗ କରିଛନ୍ତି।

## ଭୋଗରାଇ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ବନ୍ଧୁମିଳନ



**ଚୌକି, ୧।୧(ସମିସ):** ଭୋଗରାଇ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତି ପକ୍ଷରୁ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସାଧାରଣ ସମ୍ପାଦକ ଡକ୍ଟର ନବକୃଷ୍ଣ ଦେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡାକ୍ତର ଶ୍ରୀଶ କୁମାର ଦାଶ, ମହାସଚିବ ବିପଦ ଭଞ୍ଜନ ମିଶ୍ର, ଉପଦେଷ୍ଟା ରଘୁନାଥ ମହାନ୍ତି, ଜଗନ୍ନାଥ ଦତ୍ତ, ଶ୍ରୀହରି ସାମଲ, ଦିପେଶ ଚନ୍ଦ୍ର ରାୟ, ରବୀନ୍ଦ୍ର ପ୍ରଧାନ, ଜୟକୃଷ୍ଣ ରଣା, ହରେନ୍ଦ୍ର ନାଥ ଭୋଳ, ମୁରଲି ମୋହନ ମହାନ୍ତି, ବୀରକିଶୋର ଜେନା, ଅଧୀର ଦତ୍ତ, ଶ୍ରୀକୃଷ୍ଣ ଦାସ, ମହିଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଚିକିତ୍ସାଧୀନ ବୃଦ୍ଧାଙ୍କ ପରଲୋକ



**ସୋର, ୧।୧(ସମିସ):** ଦହିସଡ଼ା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ସ୍ୱର୍ଗତ ମହେଶ୍ୱର ମହାପାତ୍ରଙ୍କ ପତ୍ନୀ ସୁରେଖା ମହାପାତ୍ରଙ୍କ ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ରାତିରେ ହଠାତ୍ ଶ୍ୱାସକ୍ରିୟା ବନ୍ଦ ହୋଇଯିବା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ କରାଯାଇଛି। ମଧ୍ୟମ ପୁତ୍ର ମୃତ୍ୟୁଞ୍ଜୟ ମୁଖାଗ୍ନି ଦେଇଥିଲେ।

# ଅସହାୟଙ୍କୁ ଖାଦ୍ୟବସ୍ତ୍ର ଦାନ



**ବାଲିଆପାଳ/ବଳରାମପୁର, ୧।୧(ସମିସ):** ଲଙ୍ଗଳେଶ୍ୱରସ୍ଥିତ 'ଆମ ଅଧିକାର ଫାଉଣ୍ଡେସନ' ପକ୍ଷରୁ ଅସହାୟଙ୍କୁ ଖାଦ୍ୟବସ୍ତ୍ର ଦାନ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଭିନ୍ନକ୍ଷମ, ଅନାଥ ପିଲା ଓ ଅସହାୟଙ୍କୁ ଲଙ୍ଗଳେଶ୍ୱରର ଆରକେ ଇନ୍‌ଫୋ ଏକାଡେମୀ ପରିସରରେ ଖାଦ୍ୟ ଦିଆଯିବା ସହ କମ୍ବଳ ବଣ୍ଟନ କରାଯାଇଥିଲା। ସଂଗଠନ ସଭାପତି ରାଜକିଶୋର ପାତ୍ର, ଜୟନ୍ତ ହଟେଇ, କଟି ମାରାଣ୍ଡି, ପ୍ରିୟନାଥ ମୁର୍ମୁ, ଫଗୁ ହେମ୍ବ୍ରମ, ରାଜେନ୍ଦ୍ର ବେହେରା, ଅରୁଣ ଜେନା, ଅମର ପାଟୟତ ପ୍ରମୁଖ ସହଯୋଗ କରିଥିଲେ।

# ବର୍ଷାନ୍ତ ସମ୍ମାନରେ ସମ୍ମାନିତ ହେଲେ ମନୀନ୍ଦ୍ର, କାମିନୀ ଓ ଚୂଡାମଣି

**ବାଲେଶ୍ୱର/ସିମୁଳିଆ, ୧।୧(ସମିସ):**

୩୮ ତମ ବର୍ଷାନ୍ତ ସାରସ୍ୱତ ସମ୍ମେଳନରେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଗବେଷକ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ବର୍ଷାନ୍ତ ସାରସ୍ୱତ ସମ୍ମାନ, କବି କାମିନୀ ନାୟକଙ୍କୁ ବର୍ଷାନ୍ତ ପ୍ରତିଭା ସମ୍ମାନ ଓ ବିଶିଷ୍ଟ ଚିତ୍ରଶିଳ୍ପୀ କାର୍ଟୁନିଷ୍ଟ ଚୂଡାମଣି ଦାସଙ୍କୁ ବର୍ଷାନ୍ତ କଳାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ବର୍ଷାନ୍ତ ସାରସ୍ୱତ ସମ୍ମେଳନର ମୁଖପତ୍ର ବର୍ଷାନ୍ତ, ଗବେଷକ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କ ଓଡିଆ ଶିଶୁ ସାହିତ୍ୟରେ ଭେଟମଣ୍ଡପ ଓ କବି ଗୌତମ ପଲେଇଙ୍କ ଭକ୍ତବନ୍ଧୁ ଲୋକାର୍ପିତ ହୋଇଛି। ମଦର ଟେରେସା ଫିଲାନଥ୍ରୋପିକ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ୩୮ ତମ ବର୍ଷାନ୍ତ ସାରସ୍ୱତ ସମ୍ମେଳନରେ ଅନୁଷ୍ଠାନର ଉପଦେଷ୍ଟା ଗୋକୁଳାନନ୍ଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ କବି ଭରତ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ




ପାଣିଗ୍ରାହୀ ଯୋଗଦେଇ ବର୍ଷାନ୍ତ ସମେତ ତିନୋଟି ପୁସ୍ତକ ଲୋକାର୍ପଣ କରିଥିଲେ। ଡକ୍ଟର ମନୀନ୍ଦ୍ର ମହାନ୍ତି, କବି କାମିନୀ ନାୟକ ଓ ଚିତ୍ରଶିଳ୍ପୀ ଚୂଡାମଣି ଦାସଙ୍କ ଉତ୍ତରୀୟ, ପ୍ରଶସ୍ତିପତ୍ର ଓ ସ୍ମାରକୀ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ପାଣିଗ୍ରାହୀ ତାଙ୍କ ଭାଷଣରେ ବର୍ଷାନ୍ତ ସାରସ୍ୱତ ସମ୍ମେଳନ ସିମୁଳିଆ ମାଟିର କଳା, ସାହିତ୍ୟ ଓ ସଂସ୍କୃତିର ଅସ୍ମିତା ସୃଷ୍ଟି କରିଛି। ନୂଆ ଲେଖକ ସୃଷ୍ଟି କରିବାରେ ଦୀର୍ଘ ୩୮ ବର୍ଷ ଧରି ପ୍ରଶଂସନୀୟ କାର୍ଯ୍ୟକରିଛି। ସାହିତ୍ୟ ଗ୍ରନ୍ଥର ଡିଜିଟାଇଜେସନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ସମାଲୋଚକ ପ୍ରାଧ୍ୟାପକ ଡକ୍ଟର ରବୀନ୍ଦ୍ର ବିହାରୀ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ସମ୍ମେଳନର ଭୂମିକା ଓ କାର୍ଯ୍ୟାଧାରା ବାଲେଶ୍ୱର ମାଟିରେ ଅନନ୍ୟ ବୋଲି କହିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ସମ୍ବର୍ଦ୍ଧିତ ପ୍ରତିଭାମାନେ କୃତଜ୍ଞତାର ଶବ୍ଦ ଉଚ୍ଚାରଣ କରି ସମ୍ମାନ ସେମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। କବି ସୁନିଲ ମିଶ୍ର, କବି ଯାଯାବର ଓ କବି ବନମାଳୀ ନାୟକ ମାନପତ୍ର ପାଠ କରିଥିଲେ। କବି ଗାୟତ୍ରୀ ଦିଶ ସ୍ୱାଗତ ସଙ୍ଗୀତଗାନ କରିଥିଲେ। ଶେଷରେ ସମ୍ପାଦକ କବି ଭରତ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

